Bhubaneswar- 24 June 2026
ଭୁବନେଶ୍ୱର- ୨୪ ଜୁନ୍ ୨୦୨୬
Vol- 1 Issue - 58
ଭାଗ- ୧ ସଂଖ୍ୟା- ୫୮
www.pratishabda.com
Email : pratishabda7@gmail.com
Also Available In : YouTube X

# ପ୍ରତିଶବ୍ଦ

THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

### ପୁରୀ ପ୍ରସିଦ୍ଧ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ

# ସିସିଟିଭି ନଜରରେ ରହିବ ସାରା ସହର

- ରଥଯାତ୍ରା ପୂର୍ବରୁ ସବୁ ବିଭାଗ ନିଜ କାମ ସାରନ୍ତୁ
- ମୁତୟନ ହେବେ ୨୨୦ ପ୍ଲାଟୁନ ଫୋର୍ସ
- ୨୩ ସ୍ଥାନରେ ହେବ ଅସ୍ଥାୟୀ ପାର୍କିଂ
- ୧୬୦୦ ଅସ୍ଥାୟୀ ଶୌଚାଳୟ ହେବ
- ୪୭୫ ସିସିଟିଭି କ୍ୟାମେରା ଲାଗିବ
- ପୋଷ୍ଟାଲ ପିନ ନମ୍ବର ମାଧ୍ୟମରେ ପୁରୀ ସହରବାସୀ କରିବେ ଦର୍ଶନ



**ପୁରୀ :** ମହାପ୍ରଭୁଙ୍କ ରଥଯାତ୍ରା ଅନନ୍ୟ ଓ ବିଶ୍ୱ ପ୍ରସିଦ୍ଧ । ମହାପ୍ରଭୁ ନିଜେ ହିଁ ସବୁ କରିଥାନ୍ତି । ଆମେ ନିମିତ୍ତ ମାତ୍ର । ତାଙ୍କ ଆଶୀର୍ବାଦ, ଆମ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ରେ ଚଳିତ ରଥଯାତ୍ରା ଖୁବ ଭଲରେ ହେବ ବୋଲି ପ୍ରାର୍ଥନା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଚଳିତ ରଥଯାତ୍ରା ର ଦ୍ୱିତୀୟ ସମନ୍ୱୟ ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପର୍ଣ୍ଣ କରିବାକୁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ରଥଯାତ୍ରା ର ସମସ୍ତ କାର୍ଯ୍ୟ କୁ ସୁରୁଖୁରୁରେ ସମ୍ପର୍ଣ୍ଣ ପାଇଁ ମୁଖ୍ୟ ଶାସନ ସଚିବ ଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ମାସ ଠାରୁ ବୈଠକ କରାଯାଇଛି। କାର୍ଯ୍ୟର ଅଗ୍ରଗତି ସନ୍ତୋଷ ଜନକ। ଜୁଲାଇ ୫ ତାରିଖ ପରଠାରୁ ପୁରୀ ସହରରେ କୌଣସି ରାସ୍ତା ଘାଟ ଖୋଳିବାର ଅନୁମତି ଦିଆଯିବ ନାହିଁ। ପୁରୀ ସହର ବାସୀ ଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଓକାକ ଏକ ପୁରୀ ର ଦୁଇଟି ପୋଷ୍ଟାଲ ପିନନମ୍ବର କୁ ସ୍କାନ କରି ପୁରୀ ଲୋକଙ୍କୁ ଚିହ୍ନଟ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ। ସେହିପରି ପୁରୀ ରେ ସ୍ଥାୟୀ ଫୁଡ ସେଫ୍ଟି ଟେଷ୍ଟିଂ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ୨୦୦ ବେଡ ର ବ୍ୟବସ୍ଥା କରିବା, ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ସ୍ଥାୟୀ ବର୍ଣ୍ଣ ୟୁନିଟ ପ୍ରତିଷ୍ଠା କରାଯିବ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ଚିକିତ୍ସା ବ୍ୟବସ୍ଥା କରାଯିବ ଯାହା ଫଳରେ ବାରମ୍ବାର ଆମ୍ବୁଲାନ୍ସ ଯିବା ଆସିବା ର ଆବଶ୍ୟକତା ରହିବ ନାହିଁ, ରଥଯାତ୍ରା ପୂର୍ବରୁ ଡାକ୍ତର ଓ ଫୁଡ ସେଫ୍ଟି ଅଫିସର ପୁରୀ ରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ,କ୍ରିଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ,ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନୀତି କାନ୍ତି ସମ୍ପର୍କରେ ସୂଚନା ଦେଇଥିଲେ ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ, ସେବାୟତ,ଅତିରିକ୍ତ ଡିଜି ଆଧୁନିକକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ସଚିବ ଡ ପବିତ୍ର ମୋହନ ସାମଲ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଏନଏଚଏମ ର ଏମଡି ଡି ବୃନ୍ଦା, କେନ୍ଦ୍ରାଞ୍ଚଳ ଆରଡିସି କେନ୍ଦ୍ରାଞ୍ଚଳ ଆରକ୍ଷୀ ମହା ନିର୍ଦ୍ଦେଶକ ସତ୍ୟଜିତ ନାୟକ, ଅଗ୍ନିଶମ ଆଇ ଜି ଉମା ଶଙ୍କର ମିଶ୍ର,ଏସ ପି ପ୍ରତୀକ ସିଂ,ଡିଏଫଓ ମଗର ଧନିଜ ରାଓସୋ,ଆରସିସିଏଫ ପି ଅର୍ଥନାରୀ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା,ରେଲୱେ କମିଶନର କୌସ୍ତୁଭଦୀପ୍ତ ପାଣି, ଜଡିଆରଏମ ପି କେ ବେହେରା, ଦେବୋତ୍ତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ,ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା,ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା,ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଏଲଇଡି ଟିଭି ବ୍ୟବସ୍ଥା ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା କରାଯାଇଥିଲା।

### ■ ରଥ ନିର୍ମାଣର ୬୪ ତମ ଦିବସ

# ତିନିରଥର ପ୍ରଭାଫ୍ରେମରେ ଖିଲଣ କଟିଙ୍ଗ ଶେଷ

### ଶେଷ ହୋଇଥିବା ନାଟ ଗୋଡ଼ରେ ପଲିସ୍ କାର୍ଯ୍ୟ ଜାରି
### ସରିଛି ତିନିରଥର ବଡକଳସରେ ସିଲଭର ଚଦର ଫିଟିଙ୍ଗ





ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ ।ଏଥିପାଇଁ ଚଳଚଞ୍ଚଳ ରଥଖଳା। ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ। ମଙ୍ଗଳବାର ରଥ ନିର୍ମାଣର ୬୪ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ତିନିରଥର ପ୍ରଭା ଫ୍ରେମରେ ଖିଲଣ କଟିଙ୍ଗ ଶେଷ ହୋଇଛି। ସୋମବାର ସୁଦ୍ଧା ତିନିରଥର ୪ ଗୋଟି ଲେଖାଏଁ ଦୁଆର ବେଢ଼ା ନିର୍ମାଣ ଶେଷ ହେବା ସହ ତିନିରଥର ବେଦୀ ଚତୁର୍ପାର୍ଶ୍ୱରେ ପାରୁଷ ପଟା ବାଡ଼ିଆ ଶେଷ ହୋଇଥିଲା। ଆଜି ମହାରଣା ସେବକ ମାନେ ତିନିରଥର ପ୍ରଭା ଫ୍ରେମ୍ ପ୍ରସ୍ତୁତି ପୂର୍ବକ ଫ୍ରେମରେ ପଟା ପକାଇ ଖିଲଣ କଟିଙ୍ଗ ଶେଷ କରିଛନ୍ତି। ଏଥିସହ ଫ୍ରେମ୍ ରେ ପଟାପଡ଼ି ରୂପ ଖୋଦେଇ ପାଇଁ ପ୍ରଭାରେ ବାଙ୍କ କଟିଙ୍ଗ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ଶେଷ ହୋଇଛି ତିନିରଥର ବଡକଳସରେ ସିଲଭର ଚଦର ଫିଟିଙ୍ଗ କାର୍ଯ୍ୟ। ଘୋଡ଼ା ଫିଟିଙ୍ଗ ପାଇଁ ତିନିରଥରେ ସଂଯୋଗ ହୋଇଥିବା ଚାର ପରିଛା କୁ ମୁଣ୍ଡାଇ ରଖିବାକୁ ୫ ଗୋଟି ଲେଖାଏଁ ଚାର ପରିଛା ଗୁଣ୍ଡୀ ବାଡ଼ିଆ ଶେଷ ହୋଇଛି। ରୂପକାର ସେବକ ମାନେ ତିନିରଥର ୨୪ ଗୋଟି ନାଟ ଗୋଡ଼ରୁ ବାକି ୧୨ ଗୋଟି ନାଟ ଗୋଡ଼ ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ସେଥି ମଧ୍ୟରୁ ଶେଷ ହୋଇଥିବା ନାଟ ଗୋଡ଼ ଗୁଡ଼ିକରେ ପଲିସ୍ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରହିଛି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ବେଦୀ ସିଂହାସନ ନିର୍ମାଣ ପାଇଁ ଜଗତପୃଷ୍ଠ ସେଣୀ କଣ୍ଟା , ଦୁଆର ବେଢ଼ା ପାଇଁ ଚଉରସ ଅଗ ପାତେଳି କଣ୍ଟା,ଧୂଳି ଦଣ୍ଡା ଆଗ ପାତେଳି କଣ୍ଟା ନିର୍ମାଣ ସହ ନିର୍ମାଣ ଶେଷ ହୋଇଥିବା ପୋଟଳ ଜଙ୍ଘା ଏବଂ ଓଲଟ ଶୁଆ ପାଇଁ ନରାଜ କଣ୍ଟା ଗୁଡ଼ିକର ମଠା କାର୍ଯ୍ୟ ଶେଷ କରିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର ପାର୍ଶ୍ୱ ଦେବ ଦେବୀ ମାନଙ୍କ ପ୍ରତିମାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ହଂସ ପଟା, ଓଲଟ ଶୁଆ ଏବଂ ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥଯାତ୍ରା ରେ ମହାପ୍ରଭୁଙ୍କ ସେବା ପୂଜା ନୀତି ପାଇଁ ଆବଶ୍ୟକୀୟ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥର ମହାରଣା ସେବକ ୭୮ଜଣ, ଭୋଇ ସେବକ ୭୫ଜଣ , କରତୀ ସେବକ ୪ଜଣ , ରୂପକାର ସେବକ ୨୧ଜଣ ,ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରୀଗର ୨ଜଣ, ପାହି ମହାରଣା ୨ଜଣ,ଚିତ୍ରକାର ୩୦ଜଣ ଓ ରଥଖଳା ସହାୟକ ୧ଜଣ ମୋଟ ୨୩୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି।

# ୪ରେ ଓଡ଼ିଶା ଆସିବେ ଅମିତ୍ ଶାହ

### ୯ରେ ଉପରାଷ୍ଟ୍ରପତି

**ଭୁବନେଶ୍ୱର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତର ୪ଦିନ ନପୁରୁଣୁ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ଗସ୍ତରେ ଆସିବେ ବୋଲି ଜଣାପଡ଼ିଛି। ଅମିତ୍ ଶାହ ଜୁଲାଇ ୪ତାରିଖରେ ଓ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଜୁଲାଇ ୯ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ଆଜି ସରକାରୀ ଭାବେ ସୂଚନା ଦିଆଯାଇଛି। ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନଙ୍କ



୯ତାରିଖରେ ଦିନିକିଆ ଗସ୍ତକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ବ୍ଲୁ ଇକୋନୋମିର ବିକାଶ କ୍ଷେତ୍ରରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡ଼ିଛି। ଆଜିର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପରାଷ୍ଟ୍ରପତିଙ୍କ ସୁରକ୍ଷା, ପ୍ରୋଟୋକଲ, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ଯୋଗାଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି।

### ସାହିତ୍ୟ ଓ କଳା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନ

# ୩ ଓଡ଼ିଆଙ୍କୁ ପଦ୍ମଶ୍ରୀ

### ସାହିତ୍ୟ ଓ ଶିକ୍ଷାରେ ଚରଣ,କଳାରେ ଶରତ ସୀମାଞ୍ଚଳଙ୍କୁ ପୁରସ୍କାର



**ନୂଆଦିଲ୍ଲୀ:** ଚଳିତ ବର୍ଷର ପଦ୍ମ ପୁରସ୍କାର ପ୍ରଦାନ ସମାରୋହରେ ରାଜ୍ୟର ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚରଣ ହେମ୍ବ୍ରମଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ସେହିପରି କଳା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ଶରତ ପାତ୍ର ଏବଂ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି। ଶରତ ପାତ୍ର ହେଉଛନ୍ତି କଟକ ନୂଆପାଟଣା ମାଣିଆବନ୍ଧର ହସ୍ତତନ୍ତ ବୁଣାକାର । ଇକତ ଓ ବାନ୍ଧକଳାରେ ନିପୁଣତା ହାସଲ କରିଛନ୍ତି ଶରତ ପାତ୍ର । ସୀମାଞ୍ଚଳ ପାତ୍ର ଗଞ୍ଜାମ ଅଞ୍ଚଳର ପ୍ରସିଦ୍ଧ ଲୋକ କଳାକାର। ତିନିଜଣ ଓଡ଼ିଆଙ୍କୁ ଏହି ସମ୍ମାନ ମିଳିବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି। ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଉଛି। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଭବନରେ ଆୟୋଜିତ 'ସିଭିଲ ଇନଭେଷ୍ଟିଚର ସେରେମୋନି-୨'ରେ ମଙ୍ଗଳବାର ୨୦୨୬ ବର୍ଷ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଦ୍ୱିତୀୟ ନାଗରିକ ସମ୍ମାନ ପ୍ରଦାନ ସମାରୋହରେ ସାଧାରଣ ଜୀବନ, କଳା, ସଂସ୍କୃତି, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ଅବଦାନ ପାଇଁ ୬୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ୨୦୨୬ ପାଇଁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ଉତ୍ସବରେ ଦୁଇଟି ପଦ୍ମ ବିଭୂଷଣ ସମ୍ମାନ, ୭ଟି ପଦ୍ମ ଭୂଷଣ ଓ ୫୬ଟି ପଦ୍ମଶ୍ରୀ ସମ୍ମାନ ଦିଆଯାଇଥିଲା। ମେ ମାସରେ ଆୟୋଜିତ ସମାରୋହରେ ପ୍ରଥମ ପର୍ଯ୍ୟାୟ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୬ ପାଇଁ ମୋଟ ୧୩୧ଟି ପଦ୍ମ ପୁରସ୍କାର ମଞ୍ଜୁର କରାଯାଇଥିଲା ଯାହା ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ଘୋଷଣା କରାଯାଇଥିଲା। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ମନ୍ତ୍ରୀ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ମଧ୍ୟ ଯୋଗ ଦେଇଥିଲେ।

# ତାମିଲନାଡୁରୁ ଆସିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

### ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲାର ଏକ ଘରୋଇ ସି-ଫୁଡ ପ୍ରକ୍ରିୟାକରଣରେ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ମୃତ ୫ଜଣ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚିଛି। ମୃତଦେହଗୁଡ଼ିକ ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରେ ପହଞ୍ଚିଲା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନବନ୍ଦର ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ପୀଡିତ ପରିବାରମାନଙ୍କୁ ଭେଟିଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଅଭାବନୀୟ ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ଏହା ସହିତ ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ। ପରେ ସେ ଏହି ସହାୟତା ରାଶିର ପରିମାଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୨୧ ତାରିଖରେ ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ୭ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଓଡ଼ିଆ ଶ୍ରମିକମାନଙ୍କର ସଂଖ୍ୟା ୫ ଥିଲା। ଅନେକଗୁଡ଼ିଏ ଶ୍ରମିକ ଗୁରୁତର ହୋଇଥିଲେ, ଯେଉଁମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସଜନୀ ଜୁଆଙ୍ଗ ଓ ଜାମୁନି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିଲା। ମୃତକ ଜାମୁନୀଙ୍କ ଘର କେନ୍ଦୁଝର ତେଲକୋଇ ବ୍ଲକ ଟାଙ୍ଗିରି ଗାଁରେ। ପୂର୍ବରୁ କେବଳ କେନ୍ଦୁଝର ଜିଲ୍ଲାରୁ ୫ ଜଣଙ୍କର ଜୀବନ ଯାଇଥିଲା। ତେଲକୋଇ ଟାଙ୍ଗିରି ଗାଁରୁ ମୋଟ ୧୮ ଜଣ ଯାଇଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କର ମୃତ୍ୟୁ ହୋଇଛି। ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୋଟ ୯ ଜଣଙ୍କର ମୃତ୍ୟୁ ହୋଇଛି।

# ନାତିକୁ ବଞ୍ଚାଇବାକୁ ଯାଇ ଜେଜେ ମୃତ

### ବଡ଼ ଜେଜେବାପା ଅବସ୍ଥା ଗୁରୁତର

**ସୁନ୍ଦରଗଡ଼:** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଲା ନାତି। ବଞ୍ଚାଇବାକୁ ଯାଇ ଚାଲିଗଲା ସାନ ଜେଜେବାପାଙ୍କ ଜୀବନ। ବଡ଼ ଜେଜେବାପା ଅବସ୍ଥା ଗୁରୁତର ରହିଛି। ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଅନ୍ତର୍ଗତ ମଝାପଡ଼ା ପଞ୍ଚାୟତ ଅଧୀନରେ ଥିବା ଜୟକୁଦର ଗୀର୍ଜା ଟୋଲି ବସ୍ତିରେ ଘଟିଛି ଏହି ଘଟଣା। ଏକ ନିର୍ମାଣାଧୀନ କୋଠାକୁ ଯାଇଥିବା ବିଦ୍ୟୁତ୍ ତାର ତଳେ ପଡ଼ିଥିବା ବେଳେ ଖେଳୁ ଖେଳୁ ଅଜାଣତରେ ୩ ବର୍ଷର ଶିଶୁ ଅସ୍ୱିକ୍ କୁସୁମା ତା' ସଂସ୍ପର୍ଶରେ ଆସିଯାଇଥିଲା। ନାତିକୁ ବିପଦରେ ଦେଖି ପ୍ରଥମେ ବଡ଼ ଜେଜେବାପା ମିଖେଲ୍ କୁସୁମା ଏବଂ ପରେ ସାନ ଜେଜେବାପା ଇଶଦର କୁସୁମା ବଞ୍ଚାଇବାକୁ ଦୌଡ଼ି ଯାଇଥିଲେ। କିନ୍ତୁ ସମସ୍ତଙ୍କୁ ଲାଗିଥିଲା ବିଦ୍ୟୁତ୍ ଝଟକା। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ ଓ ସେମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତିନି ଜଣଙ୍କୁ ଉଦ୍ଧାର କରି ପ୍ରଥମେ ଅଣ୍ଡାଳି ଜାମବାହଲ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଇଶଦରଙ୍କୁ ମୃତ ଘୋଷଣା କରିଥଲେ। ଅନ୍ୟପଟେ ଅସ୍ୱିକ୍ ଓ ତାଙ୍କ ବଡ଼ ଜେଜେବାପା ମିଖେଲ୍ଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୀରମିତ୍ରପୁର ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କୋଠା ନିର୍ମାଣ କରୁଥିବା ଠିକାଦାରଙ୍କ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ ଏବଂ ଉକ୍ତ ପରିବାରକୁ ଉଚିତ କ୍ଷତିପୂରଣ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ, ୧୮ ପ୍ଲଟ୍, ୨ କୋଠା ଓ ସୁନାଗହଣା ଠାବ



**ସମ୍ବଲପୁର:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସମ୍ବଲପୁର କମାଣ୍ଡ ଏରିଆ ଡେଭେଲପମେଣ୍ଟ ଅଥରିଟିର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କର ସମ୍ବଲପୁର, କଟକ, ବାଲେଶ୍ୱର ଓ ମାଲକାନଗିରି ସ୍ଥିତ ୭ଟି ଠିକଣାରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ଏକାଧିକ ସଂପତ୍ତି ଠାବ କରିଛି ଭିଜିଲାନ୍ସ।

ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କର ସଂପତ୍ତି ମଧ୍ୟରେ ରହିଛି ୧୮ଟି ଦାମୀ ପ୍ଲଟ୍। ଏହି ପ୍ଲଟ୍‌ଗୁଡ଼ିକରୁ ୫ଟି ଭୁବନେଶ୍ୱରରେ ଥିବା ବେଳେ କଟକରେ ୩ଟି, ଯାଜପୁର ଜିଲ୍ଲାର କୋରେଇରେ ୬ଟି, ବାଲେଶ୍ୱରର ବସ୍ତାରେ ୩ଟି ଓ ପୁରୀର ଡେଲାଙ୍ଗରେ ଗୋଟିଏ ରହିଛି।

କଟକ ବିଦ୍ୟାଧରପୁରରେ ତାଙ୍କର ଏକ ତିନି ମହଲା କୋଠା ଅଛି, ଯାହା ୧୮ ହଜାର ୮୪୦ ବର୍ଗଫୁଟ୍‌ର ଜାଗାରେ ତିଆରି ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରେ ତାଙ୍କର ୧୪୬୫ ବର୍ଗଫୁଟ୍‌ର ଏକ ଦ୍ୱିମହଲା କୋଠା ରହିଛି। ତାଙ୍କ ଘରୁ ନଗଦ ୩ ଲକ୍ଷ ୪୫ ହଜାର ଟଙ୍କା ଜବତ କରାଯାଇଛି। ଏହା ସହିତ ଶ୍ରୀଲଙ୍କା, ନେପାଳ, ବାହରିନ ଓ ଆମେରିକାର କିଛି ନୋଟ୍ ଜବତ କରାଯାଇଛି। ତାଙ୍କର ୩ଟି ଚାରି ଚକିଆ ଗାଡ଼ି , ଦୁଇଟି ଜେସିବି ଓ ଗୋଟିଏ ଦୁଇ ଚକିଆ ଠାବ କରାଯାଇଛି। ତାଙ୍କ ଘରୁ ମିଳିଥିବା ସୁନାଗହଣା ଓ ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ। ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ସମ୍ବଲପୁର, କଟକ, ବାଲେଶ୍ୱର ଓ ମାଲକାନଗିରି ଜିଲ୍ଲାର ୭ଟି ସ୍ଥାନରେ ଏକକାଳୀନ ଏହି ଚଢ଼ାଉ କରିଥିଲେ।

ସମ୍ପାଦକୀୟ

## ଅଦିନରେ ଯାତରା

ଏ ସି ଭକ୍ତିବେଦାନ୍ତ ଯେ କି ଇସ୍କନ୍‌ର ପ୍ରତିଷ୍ଠାତା ଥିଲେ, ସେ ତ ଥିଲେ ଜଣେ ଭାରତୀୟ। ହେଲେ ୧୯୬୬ ମସିହାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଇସ୍କନ୍‌ର ଧାରା କିନ୍ତୁ ଲାଗୁଛି ବିଦେଶୀ ବିଦେଶୀ। ଅବଶ୍ୟ ବିଦେଶ ମାଟିରେ ହିଁ ଆରମ୍ଭ ହେଇଥିଲା ଇସ୍କନ ଆମେରିକାର ନ୍ୟୁୟର୍କ ସିଟିରେ ଆରମ୍ଭ ହୋଇଥିଲା ଇଣ୍ଟରନ୍ୟାସନାଲ୍ ସୋସାଇଟି ଫର୍ କ୍ରିଷ୍ଣ କନସିଅସ୍‌ନେସ୍-ଇସ୍‌କନ ଯାହାର ପ୍ରତିଷ୍ଠାତା ଥିଲେ ଏ ସି ଭକ୍ତିବେଦାନ୍ତ। ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗକୁ ଭାରତରେ କୋଲକାତାରେ ଜନ୍ମଲାଭ କରିଥିବା ଅରୁଣ ଚରଣ ଦେ ପରବର୍ତ୍ତି ସମୟରେ ଭକ୍ତିବେଦାନ୍ତ ସ୍ୱାମୀ ନାମରେ ସାରା ବିଶ୍ୱରେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲେ। ଏଣୁ ଇସ୍କନ୍ ହେଉଛି ଭାରତୀୟ ସଂସ୍ଥା ବୋଲି କହିପାରୁ। ଯଦିଓ ସଂସ୍ଥାର ଆରମ୍ଭ ଆମେରିକା ମାଟିରେ ହୋଇଥିଲା, ତଥାପି ଆମେ ଇସ୍କନକୁ ଭାରତୀୟ ସଂସ୍ଥା ବୋଲି କହିପାରୁ ! କାରଣ ସଂସ୍ଥାର ପ୍ରତିଷ୍ଠାତା ତ ହେଉଛନ୍ତି ଭାରତୀୟ। ତାଙ୍କର ଚିନ୍ତାଧାରା ମଧ୍ୟ ଭାରତୀୟ। ଏ ସବୁ ସତ୍ତ୍ୱେ ଆମେ ଇସ୍କନକୁ କେବେ ବି ଭାରତୀୟ ସଂସ୍ଥାର ମାନ୍ୟତା ଦେଇନପାରୁ। କାରଣ ଇସ୍କନର ପ୍ରତିଷ୍ଠାତା ଭାରତୀୟ ହୋଇ ବି ପରବର୍ତ୍ତୀ କାଳରେ କିନ୍ତୁ ତାଙ୍କର ବିଚାରଧାରାରେ କିନ୍ତୁ ପରିବର୍ତ୍ତନ ହୋଇଗଲା। କୃଷ୍ଣଙ୍କୁ ମୁଖ୍ୟ ନାୟକ ଭାବେ ଉପସ୍ଥାପନ କରାଯାଇ, କୃଷ୍ଣଙ୍କୁ ମୁଖ୍ୟ ନାୟକ ଭାବେ ଚିତ୍ରଣ କରାଯଇ ୧୯୬୬ ଜୁଲାଇ ମାସରେ ଆରମ୍ଭ କରାଯଇଥିଲା ଇସ୍କନ। ଯେଉଁ ସଂସ୍ଥାର ମୁଖ୍ୟ ଆଦର୍ଶ ମୁଖ୍ୟ ନାୟକ ହେଉଛନ୍ତି କୃଷ୍ଣ। ତେବେ ଇସ୍କନ ପକ୍ଷରୁ ଯେଉଁ ରଥଯାତ୍ରାର ଆୟୋଜନ କରାଯାଏ, ସେଥିରେ କିନ୍ତୁ ମୁଖ୍ୟ ନାୟକ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। କାରଣ ଇସ୍କନ ମତରେ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୃଷ୍ଣଙ୍କର ଭିନ୍ନ ରୂପ। ଏଣୁ ଇସ୍କନ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଉଥିବା ରଥଯାତ୍ରାରେ ବିରାଜମାନ ହୁଅନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ଇସ୍କନର ଏହା ହେଉଛି ବାସ୍ତବରେ ଏକ ମହତ୍ ଯୋଜନା। ହେଲେ ଯେଉଁଥିପାଇଁ ଇସ୍କନକୁ ନେଇ ସାରା ଭାରତରେ ଏବେ ଚର୍ଚ୍ଚା ଏବଂ ପରିଚର୍ଚ୍ଚା ଲାଗି ରହିଛି, ତାହା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଯହା ପଛରେ କାରଣ ହେଉଛି କୃଷ୍ଣ ପକ୍ଷରେ ହେଉଛି ! ଏଥିରେ କେହି ବି ବିସ୍ମିତ ହୋଇପାରେ। କୃଷ୍ଣ ତ ହେଉଛନ୍ତି ଇସ୍କନର ଆଦର୍ଶ। କୃଷ୍ଣ ତ ହେଉଛନ୍ତି ଇସ୍କନର ମୁଖ୍ୟ ନାୟକ। ଏଣୁ ସମସ୍ୟା କେଉଁଠି ? ସମସ୍ୟା ହେଉଛି ଅଦିନିଆ ରଥଯାତ୍ରା ପାଇଁ , ସମସ୍ୟା ହେଉଛି ଅ-ତିଥି ରଥଯାତ୍ରା ପାଇଁ ଯାହାକି ଇସ୍କନ ଏବେ ଆୟୋଜନ କରୁଛି ଦେଶ ବିଦେଶରେ। ଆମେ ଜାଣି ରଖିବା ଉଚିତ ଯେ ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଆୟୋଜନ ହୋଇଥାଏ ରଥଯାତ୍ରା। ଯାହା କାହାର ବ୍ୟକ୍ତିଗତ ଇଚ୍ଛା ନୁହେଁ କି କୌଣସି ସଙ୍ଗଠନର ସାଙ୍ଗଠନିକ ନିର୍ଦ୍ଦେଶ ନୁହେଁ। ତାହା ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ବିଧିସମ୍ମତ, ଯାହା ସମ୍ପୂର୍ଣ୍ଣ ପାରମ୍ପରିକ ବିଧିସମ୍ମତ। ଯାହକୁ ମନଇଚ୍ଛା ପାଳନ କରାଯାଇପାରିବ ନାହିଁ। କେହି ବି ସେପରି ଯାତ୍ରାର ଆୟୋଜନ କରିବା ସମ୍ପୂର୍ଣ୍ଣ ଭୁଲ୍ ହୋଇପାରେ। ଯାହା କି ଲକ୍ଷ ଲକ୍ଷ ଓଡ଼ିଆପ୍ରେମୀଙ୍କ୍ ମନରେ ଅସନ୍ତୋଷ ଭରି ଦେଇପାରେ। କେବଳ ଓଡ଼ିଆ କାହିଁକି , କୋଟ କୋଟି କୋଟି ଭାରତୀୟମାନଙ୍କ ମନରେ ମଧ୍ୟ ଅସନ୍ତୋଷ ଭରିଦେଇପାରେ। ଯାହା କି ପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରା ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ । ହେଲେ ବୋଲ ମାନୁନି ଇସ୍କନ। ନିୟମ ମାନୁନି ଇସ୍କନ। ଅଦିନରେ କରୁଛି , ଅ-ତିଥିରେ କରୁଛି ରଥଯାତ୍ରା। ଇସ୍କନର ଏହି ଅଦିନ ଅବା ଅତିଥି ରଥଯାତ୍ରା ପରମ୍ପରା ଆରମ୍ଭ ହେଇଥିଲା ୧୯୬୭ ଜୁଲାଇରେ କାଲିଫର୍ଣ୍ଣିଆ, ଆମେରିକାରେ। ସେବେଠାରୁ ପ୍ରତିବର୍ଷ କେବେ ଆମେରିକାରେ ତ ଆଉ କେବେ ୟୁରୋପରେ ଅବା କେବେ ଅଷ୍ଟ୍ରେଲିଆରେ ଅ-ତିଥିରେ ଇସ୍କନ କରୁଛି ଅଦିନିଆ ରଥଯାତ୍ରା। ଏବେ ଏବେ ଇସ୍କନ୍ ତା'ର ସେହି ପୂର୍ବ ପ୍ରବୃତ୍ତିରେ କୌଣସି ବି ପରିବର୍ତ୍ତନ ନ କରି ପୁଣି ସେହି ପ୍ରକାର ଅ-ତିଥି ଯାତ୍ରାର ଆୟୋଜନ କରିଛି। ଆମେରିକାର ହଷ୍ଟନ୍ ଟେକ୍ସାସ୍ ଆଦି ଜାଗାରେ ଇସ୍କନ୍‌ର ସେହି ଅଦିନିଆ ରଥଯାତ୍ରା। ତେବେ ଇସ୍କନ୍‌ର ଏଭଳି ଅଦିନିଆ ଆୟୋଜନକୁ ଯାହାକୁ ନେଇ ପୁରୀ ମନ୍ଦିର ପ୍ରଶାସନ ପକ୍ଷରୁ ବହୁବାର ସେଥିନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ବି ସୁଫଳ ମିଳୁନି। ତେବେ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ କମିଟି ପକ୍ଷରୁ ଏଥିନେଇ ଇସ୍କନ୍ କର୍ତ୍ତୃପକ୍ଷଙ୍କ୍ ସହିତ ଏ ବିଷୟରେ ଏବେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

## ଗୁରୁବାଣୀ

ଯୁବକଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଞ୍ଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛି ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚିଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ।

# ଆଧ୍ୟାତ୍ମିକ ସାଧନା:'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ। ଏହି ଜୀବନ ଚେତନା ଯୋଗ ଦିବସ ଭାବରେ ପାଳିତ ହେଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'। ବାସ୍ତବରେ ଜୀବନର ଶେଷ ସମୟ ପୂର୍ବରୁ ନିଜକୁ ପ୍ରସ୍ତୁତ କରି ଯୋଗ ସାଧନା ଦେବା ନିମିତ୍ତ ଚଳିତ ବର୍ଷର ବାର୍ତ୍ତା ଅନ୍ତର୍ନିହିତ ତାତ୍ପର୍ଯ୍ୟ ଉଲ୍ଲେଖ କରୁଛି। ଜୀବନ ସାଧନାରେ ଏମିତିରେ ଦେଖିଲେ ବାର୍ଦ୍ଧକ୍ୟ ବୋଲି ହୁଏତ ଏକ ଶବ୍ଦ ଥାଇପାରେ କିନ୍ତୁ ଶରୀର ପାଇଁ ବାର୍ଦ୍ଧକ୍ୟ ସତ କିନ୍ତୁ ମାନସିକ ଭାବରେ ଅନେକ ଆମ ମାନଙ୍କ ଭିତରେ ରହିଛନ୍ତି ଯେଉଁମାନେ ଜୀବନର ଶେଷ ଶ୍ୱାସ ନିଃଶ୍ୱାସ ପର୍ଯ୍ୟନ୍ତ ନିଜକୁ ବାର୍ଦ୍ଧକ୍ୟ ଭାବରେ ବିଚାର କରିନଥାନ୍ତି। ବାସ୍ତବରେ ଯୋଗ ଚେତନା ସତରେ ଆମ ଜୀବନ ଚେତନାକୁ ଅନେକ ମାତ୍ରରେ ପ୍ରଭାବିତ କରିଥାଏ। ଭାରତରେ ସମସ୍ତ ଆଧ୍ୟାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି। ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ। ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି। ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତ୍ତବୃତ୍ତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି। ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ। ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିମାନେ ଲାଭ କରିଥାନ୍ତି। ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି। ବିଭୁତି ପାଦ ଆଧ୍ୟାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ। ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଳିଷ୍ଟ। ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ମନୁଷ୍ୟ ଶରୀର ମଧ୍ୟରେ ତା'ର ମେରୁଦଣ୍ଡ ମଧ୍ୟରେ ମୂଳାଧାର ଚକ୍ର ଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଷଟ୍ ଚକ୍ର ଅଛି। ସେହିପରି ନାଭି ଦେଶର ପଛପଟେ କୁଣ୍ଡଳିନୀ ଶକ୍ତି ସୁପ୍ତ ହୋଇ ରହିଥାଏ। କୁଣ୍ଡଳିନୀ ଏହି ଷଡ଼ ଚକ୍ରକୁ ଭେଦ କରି ଅବଶେଷରେ ସହସ୍ର ଦଳ ବିଶିଷ୍ଟ ପଦ୍ମ ଠାରେ ଉପନୀତ ହୋଇ ପରଂବ୍ରହ୍ମଙ୍କ ସହିତ ମିଳିତ ହୁଏ। ଅର୍ଥାତ୍ ପରଂବ୍ରହ୍ମଙ୍କ ଠାରେ ଲୀନ ହୋଇଯାଏ ଏହା ହିଁ ଯୋଗର ସିଦ୍ଧି।

ଯୋଗସୂତ୍ର ଅନୁଯାୟୀ ପାଞ୍ଚଟି ଯମ ରହିଛି। ଏଗୁଡ଼ିକ ହେଉଛି - ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ। ପାଞ୍ଚଯମ ମଧ୍ୟରୁ ଅହିଂସାକୁ ସର୍ବୋତ୍ତମ ବୋଲି ସ୍ୱୀକାର କରାଯାଏ। ଅନ୍ୟ ଚାରି ଯମ ପାଳନ କରିବା ପାଇଁ ଅହିଂସା ଭାବକୁ ସୁଦୃଢ଼ କରିବାକୁ ହୁଏ। ଯେମିତି ଦେଖିଛନ୍ତି, ଅନୁମାନ କରିଛନ୍ତି ବା ଶୁଣିଛନ୍ତି ଠିକ୍ ସେମିତି ବର୍ଣ୍ଣନା କରିବାକୁ ସତ୍ୟ କୁହାଯାଏ। ତେବେ ଏହାର ଆଉ ଏକ ସର୍ତ୍ତ ବି ଅଛି। ଏହି ସତ୍ୟ ଦ୍ୱାରା ପ୍ରାଣୀମାନଙ୍କର କେବଳ କଲ୍ୟାଣ ହିଁ ହେବା ଆବଶ୍ୟକ। ମହାଭାରତରେ ହିତକାରୀ ସତ୍ୟକୁ ଶ୍ରେଷ୍ଠ ବୋଲି କୁହାଯାଇଛି। ଧର୍ମର ପ୍ରତିକୂଳରେ ଯାଇ, ଅନ୍ୟାୟ ପୂର୍ବକ ବା ଚୋରି ଦ୍ୱାରା କାହାର କିଛି ହରଣ କରିବାକୁ ସ୍ତେୟ କୁହାଯାଏ। ଏହାର ବିପରୀତରେ ପର ଧନ ପ୍ରତି ଆକର୍ଷିତ ନ ହେବା, ଏହାକୁ ଗ୍ରହଣ ନକରିବା କିମ୍ବା ଏହା ପାଇବାର ଇଚ୍ଛା ନରଖିବାକୁ ଅସ୍ତେୟ କୁହାଯାଏ। ଜନନେନ୍ଦ୍ରିୟ ଦ୍ୱାରା ସଂଯମ ରକ୍ଷାକୁ ବ୍ରହ୍ମଚର୍ଯ୍ୟ କୁହାଯାଏ। ଅନ୍ୟ ଯେ କୌଣସି ଇନ୍ଦ୍ରିୟ ତୁଳନାରେ ଜନନେନ୍ଦ୍ରିୟ କାମ ଭାବନାକୁ ଅଧିକ ପ୍ରଲୁବ୍ଧ କରେ। ତେଣୁ ସବୁ ଇନ୍ଦ୍ରିୟକୁ ଶାନ୍ତ ରଖିବା ପାଇଁ ଜନନେନ୍ଦ୍ରିୟ ଉପରେ ସଂଯମ ରଖିବା ଆବଶ୍ୟକ। ଚାରିଆଡୁ ଭୋଗ ବିଳାସକୁ ଗ୍ରହଣ କରିବାକୁ ପରିଗ୍ରହ କୁହାଯାଏ। ଏହାର ବିପରୀତରେ ଭୋଗବିଳାସକୁ ଗ୍ରହଣ ନକରିବାକୁ ଅପରିଗ୍ରହ କୁହାଯାଏ। ନିଜ ଆବଶ୍ୟକତା ଠାରୁ ଅଧିକ ଧନସମ୍ପତ୍ତି ଏବଂ ଭୋଗ ସାମଗ୍ରୀ ସଂଚୟ କରିବାକୁ ମଧ୍ୟ ପାପ ଭାବେ ଗ୍ରହଣ କରାଯାଇଛି।

ପବିତ୍ର ଓଁ ଶବ୍ଦ ଜପ କରିବା, ଶାସ୍ତ୍ର, ବେଦ, ଉପନିଷଦ, ଗୀତା ଆଦି ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ସ୍ୱାଧ୍ୟାୟର ଅଂଶବିଶେଷ। ଏଥିରେ ନିଜର ଚରିତ୍ରର ଅଧ୍ୟୟନ କରାଯାଏ। ଅର୍ଥାତ୍ ଜାଣିବାକୁ ଚେଷ୍ଟା କରାଯାଏ ମୁଁ କିଏ। ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା, ପ୍ରେମ, ସମର୍ପଣ ଏବଂ ଭକ୍ତି ହିଁ ଈଶ୍ୱର ପ୍ରଣିଧାନ। ଶରୀର, ଇନ୍ଦ୍ରିୟ, ମନ, ପ୍ରାଣ, ଅନ୍ତଃକରଣ ଆଦିରେ କରାଯାଉଥିବା ସମସ୍ତ କର୍ମ ଏବଂ ଏହାର ପରିମାଣକୁ ଈଶ୍ୱରଙ୍କୁ ଅର୍ପିତ କରିଦେବ। ପ୍ରକୃତପକ୍ଷେ ଈଶ୍ୱର ପ୍ରଣିଧାନ। ମହର୍ଷି ପତଞ୍ଜଳିଙ୍କ ଅନୁଯାୟୀ ଯେଉଁ ଅବସ୍ଥାରେ ଶରୀର ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ସହଜରେ ସ୍ଥିର ହୋଇ ରହିପାରେ ତାହାକୁ ଆସନ କୁହାଯାଏ। ସେ ଉପଯୁକ୍ତ ସୂତ୍ରରେ ଆସନର ପରିଭାଷା, ସମୟସୀମା ଏବଂ ଏହାର ଲାଭ ବିଷୟରେ ବର୍ଣ୍ଣନା କରିଛନ୍ତି। ଏହାର ସାର ହେଉଛି ଯେ ପର୍ଯ୍ୟନ୍ତ ଶରୀରରେ ସ୍ଥିରତା, ମନରେ ସୁଖ ଅଛି ସେ ପର୍ଯ୍ୟନ୍ତ ଗୋଟିଏ ଆସନରେ ସ୍ଥିର ହୋଇ ରୁହ। ଯେତେବେଳେ ସ୍ଥିରତା, ଅସ୍ଥିରତାରେ ଏବଂ ସୁଖ, ଦୁଃଖରେ ପରିବର୍ତ୍ତିତ ହେବାକୁ ଲାଗୁଛି ସେତେବେଳେ ଆସନ ବଦଳାଇନେବା ଉଚିତ। ସାଧାରଣତଃ ଦେଖାଯାଏ ଆମ ଶରୀର ଗୋଟିଏ ମିନିଟ୍ ମଧ୍ୟ ସ୍ଥିର ହୋଇପାରେ ନାହିଁ। କେତେବେଳେ ଆମ ହାତ ହଲୁଥାଏ ତ କେତେବେଳେ ଗୋଡ଼। ଆସନର ଅଭ୍ୟାସ ଦ୍ୱାରା ଶରୀର ସହ ମସ୍ତିଷ୍କରେ ମଧ୍ୟ ସ୍ଥିରତା ଆସେ। ମାନସିକ ଶାନ୍ତି ମିଳେ, ସାଧକ ମନରେ ଦ୍ୱନ୍ଦ୍ୱ ଆସେ ନାହିଁ। ଧ୍ୟାନ ସମୟରେ ମନ ଅନ୍ୟାନ୍ୟ ବିଷୟରୁ ଅଲଗା ହୋଇ କେବଳ ଧ୍ୟେୟ ବିଷୟରେ ସ୍ଥିର ହୁଏ। ଧ୍ୟାନ ମନକୁ ଶାନ୍ତ ଏବଂ ଏକାଗ୍ର କରି ଅନ୍ତର୍ମୁଖୀ କରିବାର ଏକ ଅନନ୍ୟ ବିଦ୍ୟା। ଏହା ସାଧକ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ରାଗ, ଦ୍ୱେଷ, ଅହଂକାର ଆଦି ବିକାରକୁ କ୍ଷୀଣ କରିଦିଏ। ସାଧକ ସାରା ଦିନ ସାଂସାରିକ ଜୀବନରେ ଥିଲେ ମଧ୍ୟ ନିଜ ଭିତରେ ଥିବା ପରମ ଚେତନା ସହ ସଂଯୁକ୍ତ ହୋଇରୁହେ। ମନୁଷ୍ୟ ଶରୀର ମଧ୍ୟରେ ତା'ର ମେରୁଦଣ୍ଡ ମଧ୍ୟରେ ମୂଳାଧାର ଚକ୍ର ଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଷଟ୍ ଚକ୍ର ଅଛି। ସେହିପରି ନାଭି ଦେଶର ପଛପଟେ କୁଣ୍ଡଳିନୀ ଶକ୍ତି ସୁପ୍ତ ହୋଇ ରହିଥାଏ। କୁଣ୍ଡଳିନୀ ଏହି ଷଡ଼ ଚକ୍ରକୁ ଭେଦ କରି ଅବଶେଷରେ ସହସ୍ର ଦଳ ବିଶିଷ୍ଟ ପଦ୍ମ ଠାରେ ଉପନୀତ ହୋଇ ପରଂବ୍ରହ୍ମଙ୍କ ସହିତ ମିଳିତ ହୁଏ। ଅର୍ଥାତ୍ ପରଂବ୍ରହ୍ମଙ୍କ ଠାରେ ଲୀନ ହୋଇଯାଏ ଏହା ହିଁ ଯୋଗର ସିଦ୍ଧି।

**ପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ - ୯୪୩୭୦୫୧୯୫୭**

# ଓଡ଼ିଶା ସ୍ୱାସ୍ଥ୍ୟସେବାରେ ଫାର୍ମାସୀ ଅଧିକାରୀଙ୍କ ଭୂମିକା



ଶାରଦା ପ୍ରସନ୍ନ ବେହେରା

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେଲା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛି। ସରକାର ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ, ଶିଶୁଭବନ ଠାରୁ ବଡଡାକ୍ତରଖାନା ସବୁଠି ପର୍ଯ୍ୟାପ୍ତ ପରିମାଣର ମାଗଣା ନିଦାନ ବ୍ୟବସ୍ଥା, ଡାକ୍ତରୀ ପରାମର୍ଶ ସହ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ଆଜି ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ବିକଶିତ ରାଜ୍ୟ ଭାବେ ପରିଚିତ ହୋଇଛି। ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର ପରି ରାଜ୍ୟର ଅନେକ ରୋଗୀ ଆମ ଭୁବନେଶ୍ୱର ସ୍ଥିତ ଏମସ, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ଶିଶୁ ଭବନ, ବିଭିନ୍ନ ବଡ଼ମେଡ଼ିକାଲ ଉପରେ ନିର୍ଭରଶୀଳ। ଓଡ଼ିଶାର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଅତ୍ୟନ୍ତ ଉନ୍ନତ ଓ ଆଧୁନିକ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ। ଚିକିତ୍ସା ବ୍ୟବସ୍ଥା କ୍ଷେତ୍ରରେ ଡାକ୍ତରଙ୍କ ପରେ ଗୁରୁତ୍ୱପୂର୍ଣ ଭାବେ ଦ୍ୱିତୀୟ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀମାନେ। ଚିକିତ୍ସା ସେବା କ୍ଷେତ୍ରରେ ଡ୍ରେସର ଠାରୁ ସିକୁରିଟି , ନର୍ସ ଠାରୁ ସୁପର ଭାଇଜର ସମସ୍ତଙ୍କ ନିଜ ନିଜ କ୍ଷେତ୍ରରେ ଭୂମିକା ଓ ଦାୟିତ୍ୱ ରହିଛି। ଚିକିତ୍ସା ସେବା କ୍ଷେତ୍ରରେ ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ଫାର୍ମାସୀ ଅଧିକାରୀଙ୍କର। ମୁମୂର୍ଷୁ ହେଉ ବା ସ୍ୱାଭାବିକ, ଗୁରୁତର ଖଣ୍ଡ ବିଖଣ୍ଡିତ ମୃତ ପ୍ରାୟ ବିଷ ଖିଆ ହେଉ ବା ସାପ କାମୁଡ଼ା, ଆସନ୍ନ ପ୍ରସବା ଠାରୁ ଗୁରୁତର ଶିଶୁରୋଗୀ, ବୟସ୍କ ହୁଅନ୍ତୁ ବା ଯେ କେହି ଉଦବେଗଜନକ ହେଉ, ଜଣେ ଫାର୍ମାସର ଅଧିକାରୀଙ୍କ ଜଟିଳତମ ସମୟକୁ ସାମ୍ନା କରିଥାଏ।

ଜରୁରୀ ଭାବେ ପଲ୍ସ ଠାରୁ ବିପି ସବୁ କ୍ଷେତ୍ରକୁ ଦେଖି ତାଙ୍କୁ ହିଁ ପ୍ରାଥମିକ ଚିକିତ୍ସା କରିବାକୁ ପଡ଼ିଥାଏ। ଜଣେ ରୋଗୀକୁ ଚିକିତ୍ସା କରିବା ସମୟରେ ପ୍ରଫେସର ହୁଅନ୍ତୁ ବା ସହାୟକ ପ୍ରଫେସର, ସେ ଫାର୍ମାସୀ ଅଧିକାରୀଙ୍କ ସମସ୍ତ ସୂଚନାକୁ ଗ୍ରହଣ କରିଥାନ୍ତି ଓ ରୋଗୀଟିର ଉତ୍ତମ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥାନ୍ତି। ଏହି ସବୁ ଦୁଃଖକୁ ନେଇ ଓଡ଼ିଶା ଫାର୍ମାସୀ ସେବା ସଂଘ ଏସସିବିଏମ୍ ଶାଖା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଏସସିବିଏମ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ମେଡ଼ିକାଲରେ ଔଷଧ ରକ୍ଷଣାବେକ୍ଷଣ ଓ ସମସ୍ତ ବିଭାଗ ତଥା ଜରୁରୀ ବିଭାଗକୁ ସୁବଣ୍ଟନ କରି ଗୁରୁ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀମାନେ। ଏହା ସହିତ କେନ୍ଦ୍ରୀୟ ଔଷଧାଗାରରେ ଔଷଧର ସଂରକ୍ଷଣ, ମହଜୁଦ, ପରିଚାଳନା, ସମସ୍ତ ବିଭାଗକୁ ନିୟମିତ ବଣ୍ଟନ ସହିତ ନିରାମୟ କେନ୍ଦ୍ର ମାନଙ୍କରେ ରୋଗୀ ମାନଙ୍କୁ ଔଷଧ ସୁବିତରଣ ସହିତ ଏହାର ପାର୍ଶ୍ୱପ୍ରତିକ୍ରିୟା ଜନିତ ତଥ୍ୟ ଓ ଔଷଧ ସେବନର ପ୍ରଣାଳୀ ବତାଇ ସଚେତନ କରିଥାନ୍ତି। ସେହିପରି ଅସ୍ତ୍ରୋପଚାର ଗୃହ, ଟିକାକରଣ କେନ୍ଦ୍ର, ରକ୍ତ ଭଣ୍ଡାର, ଗୁରୁତ୍ୱପୂର୍ଣ୍ଣ ଆଇସିୟୁ, ୱାର୍ଡ ଓ ଜରୁରୀକାଳୀନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଔଷଧର ସୁପରିଚାଳନା ପରି ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅନବରତ ନିର୍ବାହ କରନ୍ତି। ତେବେ ଏ ସବୁ ସତ୍ତ୍ୱେ ଓଡ଼ିଶାର ଫାର୍ମାସୀ ଅଧିକାରୀମାନେ ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ ଗ୍ରେଡ଼ ପାଉଛନ୍ତି ତେଣୁ ଓଏସଆରଏପ ଦୁଇହଜାର ସତର ପେ ବ୍ୟାଣ୍ଡ ଅନୁସାରେ ଦରମା ପୁର୍ନବିନ୍ୟାସ କରିବା ପାଇଁ ସରକାରଙ୍କ ନିକଟରେ ଦାବୀ ଜଣାଇ ସ୍ମାରକପତ୍ର ଓପିଏସଏ ଏସସିବିଏମସିଏଚ୍ ଶାଖାର ସଭାପତି ରାଧାମୋହନ ଚୌଧୁରୀ, ସମ୍ପାଦକ ପ୍ରକାଶ ପ୍ରଧାନ, ରାଜ୍ୟସଂଘର ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ବାରିକ, ଶାରଦା ପ୍ରସନ୍ନ ବେହେରା, ଦିଲ୍ଲୀପ କୁମାର ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ସାଇରାଜ ରାଉଳ, ବିଶ୍ୱଜିତ ସାମଲ, ରାଜେଶ ଆଚାର୍ଯ୍ୟ, ସ୍ନିଗ୍ଧାଶ୍ରୀ ବାରିକ, ଖିରାବ୍ଧି ତନୟା ଷଡ଼ଙ୍ଗୀ, ରାଜଶ୍ରୀ ନନ୍ଦିନୀ ସାହୁ, ସାଗରିକା ରଥ, ଇତିଶ୍ରୀ ପ୍ରଧାନ ପ୍ରମୁଖ ପ୍ରଦାନ କରିଥିଲେ। ଆଜି ବି ରାଜ୍ୟର ଅନେକ ଡାକ୍ତରଖାନାରେ ଡାକ୍ତର ପଦବୀ ଖାଲିଥିବାରୁ ଫାର୍ମାସୀ ଅଧିକାରୀ ସେବା ନିର୍ବାହ କରୁଛନ୍ତି।

ରାଜ୍ୟର ଉପାନ୍ତ ଓ ଅନୁନ୍ନତ ଡାକ୍ତରଖାନାରେ ଚିକିତ୍ସା ସେବାରେ ପ୍ରମୁଖ ଓ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥାନ୍ତି ଫାର୍ମାସୀ ଅଧିକାରୀ। ଜଣେ ଫାର୍ମାସୀ ଅଧିକାରୀ ପଲ୍ସ ବିପି ଦେଖିବାଠାରୁ ଛୋଟ ମୋଟର ସର୍ଜରୀ କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ ଟୀକା ଦେଇଥାନ୍ତି, ସନ୍ତାନଟି ଭୂମିଷ୍ଠ ହେବା ଠାରୁ ବିଷ ଖିଆ ଓ ସାପ କାମୁଡ଼ା ରୋଗୀଙ୍କ ଠାରୁ ସେ ଜଣେ ଦେବଦୂତଙ୍କ ପରି ସେବା ନିର୍ବାହ କରିଥାନ୍ତି। ନିଜ ଚାକିରୀ ସମୟ ବ୍ୟତୀତ ଅଧିକ ସମୟ ଦେବାକୁ ପଡ଼ିଥାଏ। କେଉଁଠି କ୍ୱାଟର ମିଳିନଥାଏ ତ କେଉଁଠି ଗୁରୁତର ଆହାତ ରୋଗୀଙ୍କ ନିକଟତମ ଲୋକମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥାଏ। ଏକ ପ୍ରକାର ଦିନ ରାତି ଏକ କରି ଏହି ଫାର୍ମାସୀ ଅଧିକାରୀ ମାନେ ରାଜ୍ୟ ସ୍ୱାସ୍ଥ ବ୍ୟବସ୍ଥାର ବଡ଼ ବୋଝ ନିଜ ପିଠିକୁ ନେଇଥାନ୍ତି। କିନ୍ତୁ ଏମାନଙ୍କ ବଡ଼ ଦୁଃଖ, ଅଭିଯୋଗ ସମସ୍ତେ ଜାଣି ମଧ୍ୟ ଏକ ପ୍ରକାର ଅଜଣା। ଫାର୍ମାସୀ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ରାଜ୍ୟର ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡ଼ିଶାର ପ୍ରଶଂସନୀୟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଏମାନଙ୍କ ନିଷ୍ପାପର, ଉତ୍ସର୍ଗୀକୃତ ଓ ନିଃସ୍ୱାର୍ଥପର ଭୂମିକାକୁ କେହ ଭୁଲି ପାରିବେ କି ?

**ଭେଷଜ ତତ୍ତ୍ୱାବଧାରକ, ବଳିପାଳ, ମହାକାଳପଡ଼ା, କେନ୍ଦ୍ରାପଡ଼ା, ଦୂରଭାଷ : ୭୬୫୭୦୭୧୯୬୭**

# କାଳଜୟୀ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି



ଡକ୍ଟର ତପନ କୁମାର ପାଳ

ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ନିଜର ଅପୂର୍ବ ସୃଜନୀ ଶକ୍ତି ଦ୍ୱାରା ଓଡ଼ିଆ ସାହିତ୍ୟକୁ ଋଦ୍ଧିମାନ କରିଥିଲେ ସୁରେନ୍ଦ୍ର ମହାନ୍ତି। ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ତାଙ୍କ ଲେଖନୀ ଅବିରତ ଚାଲିଥିଲା। ତାଙ୍କ ସାରସ୍ୱତ ଜୀବନ ଥିଲା ବର୍ଣ୍ଣାଢ଼୍ୟ ଓ ବହୁମୁଖୀ। ସାହିତ୍ୟିକ ସହ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନୀତିଜ୍ଞ ଓ ସାମ୍ବାଦିକ। ସେ କହୁଥିଲେ, ସାହିତ୍ୟକୁ ବୃତ୍ତି କରି ଓଡ଼ିଶାରେ ବଞ୍ଚିବା କଠିନ। ପୁଣି କହୁଥିଲେ, ସାହିତ୍ୟ ଓ ରାଜନୀତି ପରସ୍ପରର ପରିପୂରକ। ରାଜନୀତି ଓ ସାମ୍ବାଦିକତା ମଧ୍ୟରେ ସେ ସାହିତ୍ୟକୁ ଏକ ଅସ୍ତ୍ର ଭାବେ ଗ୍ରହଣ କରିଥିଲେ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଉଦ୍ୟମ କରିଥିଲେ। ତାଙ୍କ ନିଜ ଭାଷାରେ ସାହିତ୍ୟ ଓ ରାଜନୀତି ତାଙ୍କ ପୃଥିବୀ ଏବଂ ସାମ୍ବାଦିକତା ତାଙ୍କ ପଥ। ତେଣୁ ଆତ୍ମଚରିତର ନାମ ରଖିଥିଲେ ପଥ ଓ ପୃଥିବୀ। ଆଲୋଚକ ଡ. ଜଗନ୍ନାଥ ଦାସଙ୍କ ଭାଷାରେ ପଥ ଓ ପୃଥିବୀ ସୁରେନ୍ଦ୍ରଙ୍କ ଜୀବନ ଓ କୃତିର ଏକ ଉଜ୍ଜ୍ୱଳ, ସଫଳ, ସଂପୂର୍ଣ୍ଣ ମହାକାବ୍ୟ, ଏକ ସାର୍ଥକ ଜୀବନ ସ୍ମୃତି। ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ରତ୍ନ।

ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ବଡ଼ ବିଚିତ୍ର। ୧୯୫୨-୫୬ସେ ରାଜ୍ୟସଭା ସାଂସଦ ଥିଲେ। ୧୯୫୬ ଓ ୧୯୭୧ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୯ରେ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାର ସଦସ୍ୟ ହୋଇଥିଲେ। ୧୯୮୪ରେ ତାଙ୍କ ସକ୍ରିୟ ରାଜନୈତିକ ଜୀବନର ଅନ୍ତ ହୋଇଥିଲା। ସେ ଶୈଶବରୁ ପାଠଚୋର ଥିଲେ। ନାନା ବାହାନା କରି ଚାଟଶାଳି ଯାଉ ନଥିଲେ। ନାଲିକସ୍ତା ପିନ୍ଧି, ଅଣ୍ଟାରେ ରୂପା ସୂତା ଗୁଡ଼େଇ, ହାତରେ ଖନୁ ନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁଦାଣ୍ଡରେ ବୁଲୁଥିଲେ। ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ରାଭେନ୍‌ସା କଲେଜରେ ଇଂରେଜୀରେ ସ୍ନାତକ ପଢୁଥିବା ବେଳେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ବହିଷ୍କୃତ ହୋଇଥିଲେ। ସେଥି ସହ ତାଙ୍କର ଛାତ୍ର ଜୀବନର ଅନ୍ତ ହୋଇଥିଲା ଏବଂ ଆରମ୍ଭ ହୋଇଥିଲା। ସବୁଜ ପତ୍ର ଓ ଧୂସର ଗୋଲାପ, ପାଇଁ ସେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମି ଏବଂ ନୀଳଶୈଳ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର। ଫଟାମାଟି, ତାଙ୍କର ଶେଷ ସାହିତ୍ୟ କୃତି। ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା। ସେ ଜନତା, ଗଣତନ୍ତ୍ର ଓ କଳିଙ୍ଗର ସଂପାଦକ ଥିଲେ। ତାଙ୍କ ସଂପାଦିତ ଶେଷ ଖବରକାଗଜ ହେଉଛି ସମ୍ବାଦ। ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ। ୧୯୨୨ ଜୁନ୍ ଆଜିର ଦିନରେ ଏହି ସଂଭ୍ରାନ୍ତ ସାହିତ୍ୟିକ ଜନ୍ମ ହୋଇଥିଲେ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩**

### ଭତ୍ତା ଦେବାରେ ରାଜ୍ୟ ସରକାର ବିଫଳ

# ମାନବ ଅଧିକାର ସୁରକ୍ଷା ମଞ୍ଚ ଗଣବିକ୍ଷୋଭ ସହ ଦାବିପତ୍ର

**ବ୍ରହ୍ମପୁର,୨୩।୬ :** ଦୁଇ ବର୍ଷରୁ ଭତ୍ତା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ଭତ୍ତା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦୃଢ଼ ଅଭିଯୋଗ କରିଛି ଓ ଆଜି ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚ ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇ ନିଗମ କମିସନର ଓ ମେୟରଙ୍କୁ ପୃଥକ ଦାବୀପତ୍ର ପ୍ରଦାନ କରାଯାଇଛି ଓ ସୂଚନା ଯୋଗ୍ୟ ଯେ,ବ୍ରହ୍ମପୁର ସହରରେ ପ୍ରାୟ ୫୦୦୦ ରୁ ଅଧିକ ହିତାଧିକାରୀଙ୍କ ମଧ୍ୟରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ, ବିଧବା, ଏଡ଼ସ ପୀଡ଼ିତ ବ୍ୟକ୍ତି, କୁଷ୍ଠ ରୋଗୀ, ଅସହାୟ ଅବିବାହିତ ମହିଳା ଏବଂ ତୃତୀୟ ଲିଙ୍ଗୀ ବର୍ଗର ବ୍ୟକ୍ତି ବିଶେଷ ବର୍ତ୍ତମାନ ଭତ୍ତା ଅପେକ୍ଷାରେ ରହିଛନ୍ତି ଓ ୨୦୨୪ ମସିହାରୁ ଅର୍ଥାତ ଗତ ଦୁଇ ବର୍ଷରୁ ରାଜ୍ୟ ସରକାର ବ୍ରହ୍ମପୁର ସହର ର ହିତାଧିକାରୀଙ୍କୁ ଭତ୍ତା ନ ଦେବା ଏକ ଅପାରଗତା ନା ହେୟଜ୍ଞାନ ବୋଲି ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା ପ୍ରଶ୍ନ କରିଛନ୍ତି ଓ ପ୍ରକାଶ ଯେ, ଗତ କୋଭିଡ ମହାମାରୀ ସମୟରେ ମହାନଗର ନିଗମ କାଉନସିଲ ନ ଥିଲା, ତାହାର




ସୁଯୋଗ ନେଇ ଏକ କାଳୀନ ବ୍ରହ୍ମପୁର,ଭୁବନେଶ୍ୱର ଓ କଟକ ତିନୋଟି ମହାନଗର ନିଗମରେ ଘର ଟିକସ ବୃଦ୍ଧି କରାଗଲା ଓ ଏଭଳି ବେନିୟମ ଭାବେ ଲାଗୁ କରାଯାଇଥିବା ବର୍ଦ୍ଧିତ ଟିକସ କୁ ଉକ୍ତ ତିନିଗୋଟି ସହରରେ ଜନଗଣ ବିରୋଧ କରିବାରୁ କଟକ ଓ ଭୁବନେଶ୍ୱରରେ ବର୍ଦ୍ଧିତ ଟିକସ ରାଜ୍ୟ ସରକାର ପ୍ରତ୍ୟାହାର କଲେ, କିନ୍ତୁ ବ୍ରହ୍ମପୁରରେ ସେହି ବର୍ଦ୍ଧିତ ଟିକସକୁ ବଳବତ୍ତର ଭାବେ ଲଦି ଦେଇ ସଂଗ୍ରହ ଆରମ୍ଭ କରିଛନ୍ତି ଓ ତୁରନ୍ତ ଏଭଳି ପାତର ଅନ୍ତର ନୀତି ପ୍ରତ୍ୟାହାର କରାଯିବାକୁ ବାରମ୍ବାର ମଂଚ ସ୍ୱର ଉତ୍ତୋଳନ କରି ଆସୁଛି ଓ ଅନ୍ୟ ଦାବି ଗୁଡ଼ିକ ମଧ୍ୟରେ ବ୍ରହ୍ମପୁର ସହରର ପ୍ରତ୍ୟେକ ୱାର୍ଡରେ ପାଠାଗାର ସ୍ଥାପନ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଗବେଷଣାମୂଳକ ପାଠାଗାରକୁ ଶୀଘ୍ର କାର୍ଯ୍ୟକ୍ଷମ, ସହରରେ ଦୁର୍ଘଟଣାଗ୍ରସ୍ତ, ଆହତ କିମ୍ବା ମୃତ ପଶୁମାନଙ୍କ ଉଦ୍ଧାର ଓ ପରିବହନ ପାଇଁ ପୃଥକ ସ୍ୱତନ୍ତ୍ର ଗାଡ଼ି ଚଳାଚଳ ବ୍ୟବସ୍ଥା କରାଯାଉ,ମୃତ ପଶୁମାନଙ୍କ ଶରୀରକୁ ସୁରକ୍ଷିତ ଓ ସ୍ୱଚ୍ଛ ପଦ୍ଧତିରେ ଦାହ ପାଇଁ ବୈଦ୍ୟୁତିକ ଦହନ ଯନ୍ତ୍ର ସ୍ଥାପନ, ବ୍ରହ୍ମପୁର ସହରରେ ପଲିଥିନ ଓ ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ ଉପରେ ନିଷେଧାଜ୍ଞା ୨ ଅକ୍ଟୋବର ୨୦୧୮ ଠାରୁ ଲାଗୁ ହୋଇଛି ତାକୁ କଡାକଡି କାର୍ଯ୍ୟକାରୀ କରାଯିବା,ବ୍ରହ୍ମପୁର ଗାନ୍ଧୀନଗର ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ, ଝଘଞ୍ଚ ରୋଡ଼–କର୍ପୋରେସନ ରୋଡ଼ ଛକସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ନିକଟରେ ଥିବା ବିପଦପୂର୍ଣ୍ଣ ସିଡ଼ିର ତୁରନ୍ତ ମରାମତି କରାଯିବା, ସହରରେ ଥିବା ସମସ୍ତ ବରପୁତ୍ର ଓ ମହାମନୀଷୀମାନଙ୍କ ପ୍ରତିମୂର୍ତ୍ତି ଏବଂ ସମ୍ପୃକ୍ତ ପରିସରକୁ ପ୍ରତିଦିନ ନିୟମିତ ଭାବେ ସଫା କରି ପରିଷ୍କାର-ପରିଚ୍ଛନ୍ନ ରଖାଯିବା ଆଦି ୧୦ ଗୋଟି ପ୍ରମୁଖ ଦାବି ଆଜି କମିସନର ଏ .ସସ୍ୟା ରେଡ୍ଡୀ ଓ ମେୟର ସଂଘମିତ୍ରା ଦଳାଇ ଙ୍କ ସହ ପୃଥକ ଭାବେ ଆଲୋଚନା କରି ଦାବି ପତ୍ର ପ୍ରଦାନ କରାଯାଇଛି ଓ ଆଜିର ବିକ୍ଷୋଭରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ମନୋଜ କୁମାର ତରାଇ,ଅଶୋକ କୁମାର ଦଳାଇ, ମହେଶ୍ୱର ବାଡତ୍ୟା, କାହ୍ନୁ ଚରଣ ପାତ୍ର, ରମେଶ ପ୍ରସାଦ ଦାସ, ଏସ. ସାମ୍ବଶିବା ରାଓ, ପ୍ରଶାନ୍ତ କୁମାର ପଣ୍ଡା, ବୀରେନ କୁମାର ବେହେରା, ସାଲ୍ଲା କେଶବ ଲିଙ୍ଗମ୍ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ମହାନଗର ନିଗମରେ ନୂତନ ଖାଉଟି କାର୍ଡ ବଣ୍ଟନର ଶୁଭାରମ୍ଭ

# ହିତାଧିକାରୀଙ୍କୁ ମିଳିବ ଅତିରିକ୍ତ ୫ କି.ଗ୍ରା. ଚାଉଳ

**ବ୍ରହ୍ମପୁର,୨୩।୬ :** ଆଜିଠାରୁ ବ୍ରହ୍ମପୁର ମହାନଗର ନିଗମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରାଯାଇଛି । ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ତଥା ଯୋଗ୍ୟ ହିତାଧିକାରୀମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା ଉକ୍ତ ଯୋଜନା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଜୁନ୍ ମାସ ୧୨ ତାରିଖରୁ ସାରା ଓଡିଶାରେ ଆରମ୍ଭ କରାଯାଇଥିଲା । ବ୍ରହ୍ମପୁର ୱାର୍ଡ ନଂ.୧୯ ଅନ୍ତର୍ଗତ ବୈଦ୍ୟନାଥପୁର ବଜାର ସ୍ଥିତ ଶ୍ରୀ ଅଭିମନ୍ୟୁ ନାୟକଙ୍କ ଦ୍ୱାରା ପରିଚାଳିତ ସୁଲଭ ଖାଉଟି କେନ୍ଦ୍ରରେ ବ୍ରହ୍ମପୁରର ମାନ୍ୟବର ବିଧାୟକ ଶ୍ରୀ କେ. ଅନିଲ୍ କୁମାର ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାନଗର ନିଗମ ମେୟର ଶ୍ରୀମତୀ ସଙ୍ଘମିତ୍ରା ଦଳାଇ, କମିଶନର ସୁଶ୍ରୀ ଏ.ସସ୍ୟା ରେଡ୍ଡି (ଆଇଏଏସ୍), ଡେପୁଟି କମିଶନର ଶ୍ରୀ ଆଶୀର୍ବାଦ ପରିଡ଼ା ଏବଂ ୱାର୍ଡ ନଂ. ୧୯ ର କର୍ପୋରେଟର ଶ୍ରୀମତୀ କାଦମ୍ବରୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଯୋଜନା ଦ୍ୱାରା



ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀ ପରିବାରର ସଦସ୍ୟ ସେମାନଙ୍କର ପ୍ରାପ୍ୟ ସହିତ ଅତିରିକ୍ତ ୫ କି.ଗ୍ରା ଚାଉଳ ପାଇବେ ଏବଂ ଏହାଦ୍ୱାରା ସାରା ରାଜ୍ୟର ଯୋଗ୍ୟ ହିତାଧିକାରୀ ପରିବାର ନିମନ୍ତେ ଖାଦ୍ୟ ସୁରକ୍ଷା ଆହୁରି ବଳିଷ୍ଠ ହୋଇପାରିବ ବୋଲି ଉପସ୍ଥିତ ପଦାଧିକାରୀ ବକ୍ତବ୍ୟ ରଖିଥିଲେ। ସଂପ୍ରତି ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ୭୭ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୪୬,୯୮୦ ଖାଉଟି କାର୍ଡଧାରୀ ଉପକୃତ ହେଉଛନ୍ତି । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ଶୁଭରାଜ ସାମନ୍ତରା ସମନ୍ୱୟ ରକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯୋଗାଣ ଅଧିକାରୀ ଶ୍ରୀ ସଞ୍ଜୟ ମଲ୍ଲିକ, ମାର୍କେଟିଂ ଇନ୍ସପେକ୍ଟର ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର, ମହାନଗର ନିଗମର ଅଧିକାରୀଗଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ କର୍ମଚାରୀ ଏବଂ ସ୍ଥାନୀୟ ସାଧାରଣ ବଣ୍ଟନ ଯୋଜନାର ଡିଲରମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ତଥା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସଫଳ ରୂପାୟନ ଜରିଆରେ ଲୋକ କଲ୍ୟାଣ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କାର୍ଡ ସହ ଖାଦ୍ୟଶସ୍ୟର ସୁଚାରୁରୂପେ ବଣ୍ଟନକୁ ସୁନିଶ୍ଚିତ କରିବାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରଶାସନ ଏବଂ ସୁଲଭ ମୂଲ୍ୟ ଦୋକାନର ଡିଲରମାନଙ୍କ ମିଳିତ ପ୍ରଚେଷ୍ଟାକୁ ମେୟର ଏବଂ କମିଶନର ଉଚ୍ଚପ୍ରଶଂସା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନୁମୋଦିତ କାର୍ଯ୍ୟସୂଚୀ ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ୱାର୍ଡରେ ଏହି ଖାଉଟି କାର୍ଡ ବିତରଣ କାର୍ଯ୍ୟକ୍ରମ ଜୁନ୍ ୨୩ ରୁ ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ।

## ଜନସଙ୍ଘର ପ୍ରତିଷ୍ଠାତା ଡ଼ଃ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିଥିରେ ଭାବ ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ



**ବ୍ରହ୍ମପୁର,୨୩।୬ :** ଭାରତୀୟ ଜନତା ପାର୍ଟି ଆଜି ଯେଉଁ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି, ତାହାର ମୂଳଦୁଆ ଓ ଦୂରଦର୍ଶୀ ପରିକଳ୍ପନାର ସ୍ରଷ୍ଟା ଥିଲେ ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀ। ଅଖଣ୍ଡ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ। ଜଣେ ପ୍ରଖର ରାଷ୍ଟ୍ରବାଦୀ ଓ ଦୂରଦର୍ଶୀ ରାଷ୍ଟ୍ରନାୟକ ଭାବେ ସେ ସ୍ୱାଧୀନ ଭାରତର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। କାଶ୍ମୀର ପ୍ରସଙ୍ଗ ହେଉ କିମ୍ବା ପଶ୍ଚିମବଙ୍ଗର ସ୍ୱାର୍ଥ ସୁରକ୍ଷାର ପ୍ରଶ୍ନ, ଜାତୀୟ ଏକତା ଓ ଭାରତର ଅଖଣ୍ଡତା ପାଇଁ ଡ଼ଃ ମୁଖାର୍ଜୀଙ୍କ ଅବଦାନ ଅତୁଳନୀୟ ଓ ଚିରସ୍ମରଣୀୟ। ତାଙ୍କର ତ୍ୟାଗ, ସଂଘର୍ଷ ଓ ଆଦର୍ଶ ଆଜି ମଧ୍ୟ କୋଟି କୋଟି ରାଷ୍ଟ୍ରବାଦୀଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ପୁଣ୍ୟତିଥିରେ ଏହି ମହାନ ରାଷ୍ଟ୍ରନାୟକଙ୍କୁ କୋଟି କୋଟି ପ୍ରଣାମ। ସେ ଆମ ପାଇଁ ନିତ୍ୟ ପୂଜନୀୟ, ପ୍ରାତଃ ସ୍ମରଣୀୟ ଏବଂ ଯେତେଦିନ ପର୍ଯ୍ୟନ୍ତ ରାଷ୍ଟ୍ର ବାଦ ଓ ଜାତୀୟ ଚେତନା ବଞ୍ଚି ରହିବ, ସେତେଦିନ ପର୍ଯ୍ୟନ୍ତ ସେ ଆମ ହୃଦୟରେ ଅମର ହୋଇ ରହିବେ। ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ନଗର ମଣ୍ଡଳରେ ମଧ୍ୟ ମଣ୍ଡଳ ସଭାପତି ରାମକୃଷ୍ଣ ପଟ୍ଟନାୟକ ଙ୍କ ନେତୃତ୍ୱରେ ମହାନ୍ ପୁରୁଷ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା।

## ପଲିଥିନ୍ ଓ ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା



**ବ୍ରହ୍ମପୁର, ୨୩।୬ :** ସ୍ଥାନୀୟ ମହାନଗର ନିଗମ ବ୍ରହ୍ମପୁର ସହରରେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବର୍ଜନ କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଲାଗୁ ହୋଇଥିଲେ ମଧ୍ୟ ଏହାକୁ ବହୁ ବ୍ୟବସାୟୀ ମାନେ କାର୍ଯ୍ୟକାରୀ କରୁନଥିବା ଦେଖିବାକୁ ମିଳିଛି। ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର କିଛି ଜଳଖିଆ ଦୋକାନୀମାନଙ୍କୁ ଏ ସମ୍ପର୍କରେ ସଚେତନତା କରାଇଥିଲେ । ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାରରୁ ନିବୃତ୍ତ ରହିବାପାଇଁ ବିଧାୟକ ଶ୍ରୀ ଅନୀଲ୍ ଦୋକାନୀମାନଙ୍କୁ ପରାମର୍ଶ ଦେଇଥିଲେ । ତେବେ ଆଗାମୀ ଦିନରେ ଯଦି ଏହି ନିୟମ ଖିଲାପ କରାଯାଏ ତାହାହେଲେ ପ୍ରଶାସନ ପକ୍ଷରୁ ଜୋରିମାନା ଆଦାୟ କରାଯିବ ବୋଲି ଏଠାରେ ଚେତାବନୀ ଦିଆଯାଇଛି । ସେହିପରି ମହାନଗର ନିଗମ ପକ୍ଷରୁ କମାପଲ୍ଲୀ ଭେଣ୍ଡିଂଜୋନ୍‌ଠାରେ ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ୟାପକ ସ୍ୱଚ୍ଛତା ସହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର, ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ନିଗମ କମିଶନର ଏ. ସସ୍ୟା ରେଡ୍ଡି, ଡ଼େପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ବାଳକୃଷ୍ଣ ଚୌଧୁରୀ, ବଦ୍ରି ନାୟକ, ଦ୍ୟୋତିକୃଷ୍ଣ ମଲ୍ଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତଥିଲେ । ଏଠାରେ ବ୍ୟବସାୟୀମାନଙ୍କୁ ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଥିଲା ।

## ପୂର୍ବତନ ବିଡ଼ିଏ ଅଧକ୍ଷଙ୍କ ନେତୃତ୍ୱରେ ବୃକ୍ଷରୋପଣ



**ବ୍ରହ୍ମପୁର, ୨୩।୬ :** ସ୍ଥାନୀୟ ବଡ଼ ଗୁମୁଳା ଗ୍ରାମରେ ପୂର୍ବତନ ବିଡ଼ିଏ ଅଧକ୍ଷ ତଥା ବୃକ୍ଷ ପ୍ରେମୀ ସୁବାଷ ମହାରଣାଙ୍କ ନେତୃତ୍ୱରେ ରବିବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା । ଏଥିରେ ସମାଜସେବୀ ଗୋପୀନାଥ ମହାରଣା, କର୍ପୋରେଟର ଭାଗିରଥୀ ମହାରଣା, ଉପେନ୍ଦ୍ର ମହାରଣା, ସରୋଜିନୀ ମହାରଣା, ଗୋବିନ୍ଦ ଚନ୍ଦ୍ର ମହାରଣା, ମମତା ମହାରଣା, ଜ୍ୟୋସ୍ନା ମହାରଣା, ତପସ୍ୱିନୀ ମହାରଣା, ଅଂଶୁମାନ ମହାରଣା, ରାକେଶ ମହାରଣା, ସ୍ୱାଧୀନ ମହାରଣା, ରେଶମା ମହାରଣା, ଛାୟାଲକ୍ଷ୍ମୀ ମହାରଣା, ଶୁଭଶ୍ରୀ ମହାରଣା, ଆଦ୍ୟାଶ୍ରୀ ମହାରଣା, ପ୍ରମୋଦ ମହାରଣା ଏବଂ ଧିରେନ୍ ମହାରଣାଙ୍କ ସମେତ ବହୁ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତଥିଲେ ।

### ମହିଳା ମୃତ କାରଣ ଅସ୍ପଷ୍ଟ

# ମାରିଦିଆଯାଇଥିବା ନେଇ ବାପାଙ୍କ ଅଭିଯୋଗ

### ଗ୍ରାମବାସୀ ଓ ସ୍ୱାମୀଘର କହିଲେ ହାତୀ ମାରିଦେଇଛି

**ଆଠମଲ୍ଲିକ,୨୩।୬ :** ଆଠମଲ୍ଲିକ ଥାନା ଅନ୍ତର୍ଗତ ଜାମୁଡୋଲୀ ପଞ୍ଚାୟତ ଲିମ୍ବଡିହ ଗ୍ରାମ ର ମହିଳା ନଳିନୀ ପ୍ରଧାନ (୩୨)ଙ୍କ ମୃତ୍ୟୁ ହେବା ଘଟଣା କୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ଗୋଟିଏ ପକ୍ଷରେ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ଅନ୍ୟ ପକ୍ଷରେ ମୃତ ମହିଳାଙ୍କ ବାପା ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବନ ବିଭାଗ ତରଫରୁ ରେଞ୍ଜର ସୁନୀଲ କୁମାର ସାହୁ, ଫରେଷ୍ଟର ସୁବ୍ରତ ଶତପଥି, ତ୍ରିନାଥ ନାଏକ, ପ୍ରବୀଣ ପ୍ରଧାନ ପ୍ରମୁଖ ଘଟଣା ସ୍ଥଳ କୁ ଯାଇ ତଦନ୍ତ କରିଥିଲେ । ଅନ୍ୟ ପକ୍ଷ ରେ ଏତେଲା କାରି ମୃତ ମହିଳା ଙ୍କ ପିତା ବୌଦ୍ଧ ଜିଲ୍ଲା ର ହରଭଙ୍ଗା ଥାନା ଅଞ୍ଚଳ କୁଟିବାରୀ ଗ୍ରାମ ର ସୁଧୀର ପ୍ରଧାନ ଏତେଲା ଅନୁଯାଇ ଆଠମଲ୍ଲିକ ପୋଲିସ କେଶ ନମ୍ବର ୨୦୯/୨୩/୦୬ ରେ



ରୁଜୁ କରି ଅଣ୍ଡର ସେକ୍ସନ ୮୫,୧୦୩(୧) ବି ଏନ ଏସ ରେ ତଦନ୍ତ ଜାରି ରଖିଛି । ଏସ ଡ଼ି ପି ଓ ସୁଶାନ୍ତ ତାଉଡ଼ିଆ ଙ୍କ ନେତୃତ୍ୱ ରେ ଆଇ ଆଇ ସି ପି ସ୍ୱରୂପ କିଷାନ, ଅତିରିକ୍ତ ଆଇ ଆଇ ସି ବିକାଶ କୁମାର ସାମଲ, ସବଇନିସ ପେକ୍ଟର କାର୍ତିକ ବେହେରା ପ୍ରମୁଖ ଘଟଣା ସ୍ଥଳ କୁ ଯାଇ ତଦନ୍ତ କରିଥିଲେ । ବୌଦ୍ଧ ଜିଲ୍ଲା ରୁ ସାଇଣ୍ଟିଫିକ ଟିମ ଆସି ମଧ୍ୟ ତଦନ୍ତ କରିଥିବା ଜଣା ପଡିଛି । ଅନ୍ୟ ପକ୍ଷ ରେ ଗତକାଲି ମହିଳା ଜଣକ ରାତିରେ ନିଜ ଘର ବାରି ପଟକୁ ଯାଇ ଥିବା ସମୟ ରେ ହାତୀ ଆକ୍ରମଣ ରେ ଶିକାର ହୋଇଥିବା ଗ୍ରାମ ବାସୀ ଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ରେଞ୍ଜର ସୁନୀଲ କୁମାର ସାହୁ ଗତକାଲି ରାତିରେ ଗାଁ ର ଆଖ ପାଖ ଅଞ୍ଚଳ ରେ ହାତୀ ଚଳପ୍ରଚଳ କରୁଥିବା ଖବର ପାଇ ଘରୁ କେହି ପଦା କୁ ନବାହିରିବାକୁ ବନ ବିଭାଗ ତରଫରୁ ସୂଚନା ଦିଆ ଯାଇଥିଲା ବୋଲି ପ୍ରକାଶ କରିଛନ୍ତି । ପୋଲିସ ସହିତ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ସହକାରୀ ଜିଲ୍ଲା ପାଳ ପାର୍ଥ ସାରଥୀ ବିଶ୍ୱାଳ ଘଟଣା ସ୍ଥଳ କୁ ଯାଇଥିଲେ । ପୂର୍ବାହ୍ନ ଚାରି ଟା ରେ ମହିଳା ଙ୍କ ମୃତ ଶରୀର କୁ ଆଠମଲ୍ଲିକ ଡାକ୍ତରଖାନା କୁ ଅଣା ଯାଇ ପୋଷ୍ଟ ମୋଟମ କରା ଯାଇଛି। ତଦନ୍ତ ଜାରି ରହିଥିବା ମଧ୍ୟରେ ପୋଷ୍ଟ ମୋଟମ ରିପୋର୍ଟ ଆସିଲେ ଘଟଣା ସ୍ପଷ୍ଟ ହେବ ବୋଲି ଏସ ଡ଼ି ପି ଓ ତାଉଡ଼ିଆ ସୂଚନା ଦେଇଛନ୍ତି ।

## ଖଣ୍ଡେଲୱାଲ ପରିଷଦ ଆନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ



**ବାଲେଶ୍ୱର, ୨୩।୬ :** ବିଶ୍ୱ ଯୋଗ ଦିବସ ଅବସରରେ ବାଲେଶ୍ୱର ମୋତିଗଞ୍ଜସ୍ଥିତ ରାଜସ୍ଥାନ ଭବନରେ ଖଣ୍ଡେଲୱାଲ ପରିଷଦ ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ମାରୱାଡି ସମାଜର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଖଣ୍ଡେଲୱାଲ ପରିଷଦ ପରିଚାଳନା କରିଥିଲା। କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପରିଷଦ ଅଧକ୍ଷା ସବିତା ସାହୁ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ଡା. ପ୍ରିୟଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିୟମିତ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ଯୋଗ ଶରୀର ଓ ମନକୁ ସୁସ୍ଥ ରଖିବା ସହ ବିଭିନ୍ନ ରୋଗରୁ ମୁକ୍ତି ପାଇବାରେ ସହାୟକ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଜୀବନରେ କିଛି ସମୟ ଯୋଗ ପାଇଁ ନିଶ୍ଚିତ ଭାବେ ବ୍ୟୟ କରିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଖଣ୍ଡେଲୱାଲ ପରିଷଦର ସଭାପତି ମହେଶ ରାୱତ, ସମ୍ପାଦକ ପ୍ରକାଶ ରାୱତ, କୋଷାଧକ୍ଷ ଦୁର୍ଗାପ୍ରସାଦ ଡେନାୟାଚ, ଉପସଭାପତି ଅନୀଲ ମାମୋଡିଆ, ଶ୍ୟାମସୁନ୍ଦର ରାୱତ, ନରେଶ ରାୱତ, ବିକାଶ ରାୱତଙ୍କ ସମେତ ବହୁ ସଦସ୍ୟ ଓ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଯୋଗାଭ୍ୟାସରେ ସାମିଲ ହୋଇଥିଲେ।

### ପ୍ରତିରକ୍ଷା ପ୍ରକଳ୍ପକୁ ୭ ଗାଁର ବିରୋଧ

# ଜମି, ଜଳ ଓ ବସ୍ତି ସୁରକ୍ଷା ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

**କୋରାପୁଟ,୨୩।୬ :** କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ଅଞ୍ଚଳରେ ପ୍ରସ୍ତାବିତ ପ୍ରତିରକ୍ଷା ବିଭାଗର ଏକ ପ୍ରକଳ୍ପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ବିରୋଧ ଦେଖାଦେଇଛି। ଚାଷଜମି, ପାନୀୟ ଜଳ ଉତ୍ସ ଓ ଗ୍ରାମ ବସ୍ତି ଉପରେ ପ୍ରଭାବ ପଡ଼ିବା ଆଶଙ୍କାରେ ୭ଟି ଗାଁର ବାସିନ୍ଦା କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇ ପ୍ରସ୍ତାବିତ ପ୍ରକଳ୍ପକୁ ବାତିଲ କରିବାକୁ ଦାବି ଜଣାଇଛନ୍ତି। ପଟ୍ଟାଙ୍ଗି ତହସିଲ ଅନ୍ତର୍ଗତ ପଟ୍ଟାଙ୍ଗି ଗ୍ରାମ ପଞ୍ଚାୟତର ନୂଆ ପଡାପଦର, ପୁରୁଣା ପଡାପଦର, ବାରିଆମେଟା, ବୁଢ଼ିଆଗୁଡା, କନ୍ଧ ସିକରା, ପରଜା ସିଉରା ଓ ଦାନ୍ଦୁଗୁଡା ଗ୍ରାମର ବାସିନ୍ଦାମାନେ ଏକ ମିଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ



ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ପଡାପଦର ମୌଜାର କିଛି ଜମି ଉପରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ଅଧୀନରେ ଏକ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଞ୍ଚଳର ଚାଷଜମି, ପାନୀୟ ଜଳ ଉତ୍ସ ଏବଂ ଗ୍ରାମ ବସ୍ତି ପ୍ରଭାବିତ ହେବ ବୋଲି ଗ୍ରାମବାସୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅଧିକାଂଶ ପରିବାର ଚାଷବାସ ଉପରେ ନିର୍ଭରଶୀଳ ଥିବାରୁ ଜମି ହରାଇଲେ ସେମାନଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ କହିଛନ୍ତି। ଏହାସହ ନିକଟବର୍ତ୍ତୀ ଅଞ୍ଚଳରେ ପୂର୍ବରୁ ଏକ ପ୍ରତିରକ୍ଷା ସଂସ୍ଥା ରହିଥିବାରୁ ପୁଣିଥରେ ନୂଆ ପ୍ରକଳ୍ପ ସ୍ଥାପନର ଆବଶ୍ୟକତା ନାହିଁ ବୋଲି ମତ ପ୍ରକାଶ କରିଛନ୍ତି। ଏହି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ପ୍ରକଳ୍ପକୁ ବନ୍ଦ କରିବା ସହ ବିକଳ୍ପ ସ୍ଥାନ ଚିହ୍ନଟ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ତେବେ ଏହି ଦାବି ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ସାମ୍ବାଦିକ ଅଶୋକ ନାରାୟଣ ଭୋଇଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଣ୍ଟାବାଞ୍ଜି,୨୩।୬ :** କଣ୍ଟାବାଞ୍ଜି ଓ ସମାଜ ଖବର କାଗଜ ର ବଙ୍ଗୋମୁଣ୍ଡା ବ୍ଲକ ପ୍ରତିନିଧି ସାମ୍ବାଦିକ ଅଶୋକ ନାରାୟଣ ଭୋଇ ବିୟୋଗ ହୋଇଯାଇଛି। ସୂଚନା ଅନୁଯାୟୀ, ଅତ୍ୟାଧିକ ରକ୍ତଚାପ ଯୋଗୁଁ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଖଡ଼ିଆଳ ମିଶନ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଇଥିଲା। ପରେ ହେଡ୍ ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଛତିଶଗଡ଼ର ରାୟପୁର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।ଆଜି ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା-କଣ୍ଟାବାଞ୍ଜି ୪୨ ନମ୍ବର ରାଜ୍ୟ ରାଜପଥ କୁଦୋଭଟା ପଥପ୍ରାନ୍ତ ସୁବିଧା କେନ୍ଦ୍ର ଠାରେ ସାମ୍ବାଦିକ ଅଶୋକ ନାରାୟଣ ଭୋଇ ଙ୍କ ବିୟୋଗ ରେ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର କାର୍ଯ୍ୟରତ ସାମ୍ବାଦିକ ସମୂହ ଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାବାଞ୍ଜି ପ୍ରେସ କ୍ଲବ ର ସଭାପତି ପ୍ରଭିଜିତ ସିଂ ସାଲୁଜା, ସାମ୍ବାଦିକ ସଂଘ କଣ୍ଟାବାଞ୍ଜି ର ସଭାପତି ମୋହନ ସୋନି, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସଭାପତି ରଶ୍ମିରଞ୍ଜନ ପୁଟେଲ, ହୁଲେଶ୍ୱର ହଂସ, ଦୀପକ ଯାଦବ, ପୁଷ୍ପକେତୁ ବେହେରା, ସୁରଦାସ ବାଗ, ଅଶୋକ ଖମାରି,ସୁଶାନ୍ତ ବେହେରା, ଡ଼ଃ ନାରାୟଣ ମିଶ୍ର, ଅନିଲ ତ୍ରିପାଠୀ, ଜୟନ୍ତ ସାହୁ, ନବୀନ ତାଣ୍ଡି, ରୋହନ ମହତ, ରାଧେଶ୍ୟାମ ମେହେର, ସୁଶାନ୍ତ ଥନାପତି,ଏସ କେ ସମିମ, ପ୍ରମୋଦ ବେହେରା,ବଂଶୀ ବେହେରା, ତ୍ରିନାଥ



ସାହୁ, ଶ୍ରୀତମ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଶୋକ ସନ୍ତପ୍ତ ପରିବାରକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ରଖିବାକୁ ଭଗବାନ ଶକ୍ତି ଦିଅନ୍ତୁ ବୋଲି ସେମାନେ କାମନା କରିଛନ୍ତି।

# ହାବିଲଦାର ଓ କନେଷ୍ଟବଲଙ୍କ ବଦଳିକୁ ନେଇ ତୀବ୍ର ଅସନ୍ତୋଷ

- ଜୁନ ୪ର ନିଷ୍ପତ୍ତି ଜୁନ ୨୨ରେ ବଦଳିଗଲା
- ସୁନ୍ଦରଗଡ଼ ଓ ଗଞ୍ଜାମ ମଡେଲ ଆପଣାଇବାକୁ ଦାବି

**ବାରିପଦା, ୨୩।୬ :** ମୟୂରଭଞ୍ଜ ଜିଲ୍ଲା ପୋଲିସ ବିଭାଜନ ହୋଇ ନୂଆ ପୋଲିସ ଜିଲ୍ଲା ଭାବରେ ରାଇରଙ୍ଗପୁର ପୋଲିସ ଜିଲ୍ଲା ଗଠିତ ହୋଇଥିବା ବେଳେ, ଏବେ ହାବିଲଦାର ଓ କନେଷ୍ଟବଳ ବଦଳି ପ୍ରକ୍ରିୟାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ରାଇରଙ୍ଗପୁର ନୂତନ ପୋଲିସ ଜିଲ୍ଲା ଗଠନ ପରେ ହାବିଲଦାର ଓ କନେଷ୍ଟବଳ ସ୍ତରୀୟ କର୍ମଚାରୀଙ୍କ ବଦଳି ନୀତିକୁ ନେଇ ଉପରିସ୍ଥ ଅଧିକାରୀଙ୍କ ବାରମ୍ବାର ମନୋଭାବ ପରିବର୍ତ୍ତନ ଏବେ ଶତାଧିକ ପୋଲିସ କର୍ମଚାରୀଙ୍କୁ ଆନ୍ଦୋଳିତ କରିଛି. ଜୁନ ୪ ତାରିଖ ବୈଠକର ନିଷ୍ପତ୍ତିକୁ ଜୁନ ୨୨ରେ ସମ୍ପୂର୍ଣ୍ଣ ବଦଳାଇ ଦିଆଯାଇଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଗତ ଜୁନ ୦୪ ତାରିଖରେ ପୂର୍ବାଞ୍ଚଳ ଡିଆଇଜିଙ୍କ ଅଧ୍ୟକ୍ଷତାରେ ବାରିପଦା ଠାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ବସିଥିଲା। ଏହି ବୈଠକରେ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ କରାଯାଇଥିଲା, ଯେଉଁଥିରେ ସମସ୍ତ କର୍ମଚାରୀ ସହମତି ପ୍ରକାଶ କରିଥିଲେ. ଇଚ୍ଛାଧୀନ ବଦଳିରେ ଯେଉଁ କର୍ମଚାରୀ ନିଜ ଇଚ୍ଛାରେ ରାଇରଙ୍ଗପୁର ଯିବାକୁ ଚାହିଁବେ ସେମାନଙ୍କୁ ସୁଯୋଗ ମିଳିବ। ଗୃହ ଅଞ୍ଚଳ ଭିତ୍ତିକ ବଦଳିରେ ଯାହାର ଘର ଯେଉଁ ଅଞ୍ଚଳରେ, ତାଙ୍କୁ ସେହି ଅନୁଯାୟୀ ନିଯୁକ୍ତି ଦିଆଯିବ। ପତି-ପତ୍ନୀ ବଦଳି ନୀତିରେ ସ୍ୱାମୀ ଓ ସ୍ତ୍ରୀ ଉଭୟ ପୋଲିସ ବିଭାଗରେ ଥିଲେ ସେମାନଙ୍କୁ ଗୋଟିଏ ଅଞ୍ଚଳରେ ରଖାଯିବ। ଲଟେରୀ ବ୍ୟବସ୍ଥାରେ ଆବଶ୍ୟକ ସ୍ଥଳେ ଶ୍ରେଣୀ ଅନୁଯାୟୀ ସ୍ୱଚ୍ଛ ଲଟେରୀ ମାଧ୍ୟମରେ ବଦଳି କରାଯିବ ବୋଲି ସେତେ ବେଳେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଯାହାକୁ ନେଇ ସମସ୍ତେ ଆଶ୍ୱସ୍ତ ଥିଲେ. ହେଲେ ଜୁନ ୨୨ତାରିଖ ଅନୁଷ୍ଠିତ ଆଲୋଚନା ସଭାରେ ପୂର୍ବ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ବଦଳି ପ୍ରକ୍ରିୟାରେ କେବଳ ସିନିୟର ମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଜୁନିୟର କର୍ମଚାରୀଙ୍କ ସମସ୍ୟା ଓ ଗୁହାରିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଅଲ ଓଡ଼ିଶା କେଡରର କର୍ମଚାରୀଭମାନେ ଅନ୍ୟ ଜିଲ୍ଲାରୁ ଆସିଥିବା ବେଳେ ସେମାନଙ୍କୁ ବଦଳି କରାନଯାଇ ଯେଉଁ ଜିଲ୍ଲା କେଡର କର୍ମଚାରୀ ଙ୍କ ଘର ବାରିପଦା ଅଞ୍ଚଳରେ, ସେମାନଙ୍କୁ ଜୋରଜବରଦସ୍ତ ରାଇରଙ୍ଗପୁର ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି. ଏହି ଜିଲ୍ଲା କେଡର କର୍ମଚାରୀ ମାନଙ୍କର ଏବେ ୨୦ ବର୍ଷରୁ ଊର୍ଦ୍ଧ୍ୱ ଚାକିରୀକାଳ ବାକି ରହିଛି. ଜୀବନର ଏହି ସମୟରେ ସେମାନେ ନିଜ ନିଜର ପରିବାର ଓ ନିଜ ଅଞ୍ଚଳ ଛାଡ଼ି ନୂତନ ପୋଲିସ ଜିଲ୍ଲାକୁ ଯିବାକୁ ଆଦୌ ମଙ୍ଗୁ ନାହାନ୍ତି। ଉପରିସ୍ଥ ଅଧିକାରୀଙ୍କର ଏଭଳି ପାତରଅନ୍ତର ଏବଂ ନିତିଦିନିଆ ନୀତି ପରିବର୍ତ୍ତନ ଯୋଗୁଁ ମୟୂରଭଞ୍ଜର ଶତାଧିକ ହାବିଲଦାର ଓ କନେଷ୍ଟବଳଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି. ପୂର୍ବରୁ ସୁନ୍ଦରଗଡ଼ ଏବଂ ଗଞ୍ଜାମ ପୋଲିସ ଜିଲ୍ଲା ପୁନର୍ଗଠନ ସମୟରେ ମଧ୍ୟ ସମାନ ସମସ୍ୟା ଦେଖା ଦେଇଥିଲା. କିନ୍ତୁ ସେଠାକାର ପ୍ରଶାସନ ଲଟେରୀ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ପଦକ୍ଷେପ ଗ୍ରହଣ କରି ସଫଳତାର ସହ ସମାଧାନ କରିଥିଲେ। ଯଦି ସେହି ସମାନ ମଡେଲକୁ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ କରା ଯାଆନ୍ତା, ତେବେ କୌଣସି କର୍ମଚାରୀଙ୍କ ମନରେ କ୍ଷୋଭ ରୁହନ୍ତା ନାହିଁ ଏବଂ ସମାଧାନର ସହଜ ବାଟ ବାହାରିପାରନ୍ତା ବୋଲି ପୋଲିସ କର୍ମଚାରୀ ମହଲରେ ଚର୍ଚ୍ଚା ଜୋର ଧରିଛି।ତେବେ ବାଲେଶ୍ୱର ଡିଆଇଜି ଙ୍କ କାର୍ଯ୍ୟାଳୟ ଚିଠିନଂ ୭୨ ତା ୨୨/୫/୨୬ ରିଖ ମୂଳେ ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ୯ଜଣ ପୋଲିସ ଇନ୍ସପେକ୍ଟରଙ୍କର ହୋଇଥିବା ଆନ୍ତଜିଲ୍ଲା ବଦଳି ନିର୍ଦ୍ଦେଶକୁ ଏକମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅଧିକାରୀ ମାନେ ନିର୍ଦ୍ଦେଶ ମୁତାବକ ରିଲିଫ ହୋଇ ନୂତନ ଷ୍ଟେସନରେ ଯୋଗଦାନ କରିନଥିବା ବେଳେ, ତଳିଆ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶକୁ କଡାକଡି ଲାଗୁ କରାଯାଉଥିବାରୁ କିଛି ପୋଲିସ କର୍ମଚାରୀ ନିଜ ନାମ ଗୋପନ ରଖି ନିର୍ଦ୍ଦେଶକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଜାଲ ଦସ୍ତଖତରେ କୋଟି କୋଟି ଟଙ୍କାର ଟେଣ୍ଡର ଫିକ୍ସିଙ୍ଗ

# କଳାହାଣ୍ଡି ଜଳସେଚନ ବିଭାଗରେ ମେଗା ଦୁର୍ନୀତି ଅଭିଯୋଗ

## ଫୋରେନସିକ ଯାଞ୍ଚ ଦାବି କଲା ଠିକାଦାର ସଙ୍ଘ

**ଭବାନୀପାଟଣା, ୨୩।୬ :** କଳାହାଣ୍ଡି ଜିଲ୍ଲା ଜଳସେଚନ ବିଭାଗରେ ଏକ ବଡ଼ଧରଣର ମେଗା ଟେଣ୍ଡର ଜାଲିଆତି ଓ ସରକାରୀ ରାଜସ୍ୱ ହରିଲୁଟ୍ ହୋଇଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଜଣେ ପ୍ରତିଷ୍ଠିତ ଠିକାଦାରଙ୍କ ଅଗୋଚରରେ ତାଙ୍କ ଜାଲ ଦସ୍ତଖତ ବ୍ୟବହାର କରାଯାଇ କୋଟି କୋଟି ଟଙ୍କାର ଟେଣ୍ଡର ଫିକ୍ସିଙ୍ଗ କରାଯାଇଥିବା ନେଇ ସ୍ଥାନୀୟ ଠିକାଦାର ସଙ୍ଘ ପକ୍ଷରୁ ସାଂଘାତିକ ଅଭିଯୋଗ ଅଣାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ବର୍ତ୍ତମାନ ସାରା ଜିଲ୍ଲାରେ ଆଲୋଡନ ସୃଷ୍ଟି ହୋଇଛି। ମାଷ୍ଟରମାଇଣ୍ଡଙ୍କ ନଜରରେ ଟେଣ୍ଡର ନମ୍ବର କେଏଲଡି-୦୧/୨୦୨୬-୨୭ ମିଳିଥିବା ସୂଚନା ମୁତାବକ, ଜଳସେଚନ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଥିବା ଟେଣ୍ଡର ନୋଟିସ ନମ୍ବର କେଏଲଡି-୦୧/୨୦୨୬-୨୭ ରେ ଶ୍ରୀ ଗଣେଶ ନାଏକ ନାମକ ଜଣେ ଠିକାଦାର ବିଡର ଭାବେ ଅଂଶଗ୍ରହଣ କରିଥିବା ଦର୍ଶାଯାଇଛି। ମାତ୍ର ଅଭିଯୋଗ ହୋଇଛି ଯେ, ଏହି ଟେଣ୍ଡର ପ୍ରକ୍ରିୟାରେ ଦାଖଲ ହୋଇଥିବା ଗଣେଶ ନାଏକଙ୍କ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ଆଫିଡେଭିଟ୍ ରେ ଥିବା ସ୍ୱାକ୍ଷର ସମ୍ପୂର୍ଣ୍ଣ ରୂପେ ନକଲି ଓ ଜାଲ୍ । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଠିକାଦାର ଗଣେଶ ନାଏକ ନିଜେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଅଛନ୍ତି। ତାଙ୍କ ଅଗୋଚରରେ କୌଣସି ଏକ ପ୍ରଭାବଶାଳୀ ବ୍ୟକ୍ତି ବା ମାଷ୍ଟରମାଇଣ୍ଡ ତାଙ୍କ ନାମ ଓ ଜାଲ ସ୍ୱାକ୍ଷରକୁ ବ୍ୟବହାର କରି କୋଟି କୋଟି ଟଙ୍କାର ଏହି ଟେଣ୍ଡର ଖେଳ ରଚିଛନ୍ତି। ଏହି ମେଗା ଜାଲିଆତି ପଛରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ମଧୁଚନ୍ଦ୍ରିକା ରହିଥିବା ନେଇ କଳାହାଣ୍ଡି ଠିକାଦାର ସଙ୍ଘ ଆଙ୍ଗୁଠି ନିର୍ଦ୍ଦେଶ କରିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଟେଣ୍ଡର ପକାଇଥିବା ଦର୍ଶାଯାଇଥିବା ଠିକାଦାର ଗଣେଶ ନାଏକ ଏବଂ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୁହେଁ 'ଜୟପାଟଣା ବ୍ଲକ' ଅଞ୍ଚଳରୁ ଆସୁଛନ୍ତି। ଏହି ଆଞ୍ଚଳିକ ସମ୍ପର୍କ ବା ସଲାସୁତୁରାକୁ ବ୍ୟବହାର କରି ନିଜ ପକେଟ୍ ଗରମ କରିବା ସହ ଦିନ ଦ୍ୱିପ୍ରହରରେ ସରକାରୀ ରାଜସ୍ୱକୁ ବ୍ୟାପକ ଭାବେ ଲୁଟ୍ କରାଯାଉଥିବା ନେଇ ଲିଖିତ ଅଭିଯୋଗ ହୋଇଥିବା ମଧ୍ୟ ସୂଚନା ମିଳିଛି ।ଟେଣ୍ଡର ପାଇଁ ଆବଶ୍ୟକ ହେଉଥିବା ବିପୁଳ ପରିମାଣର ବ୍ୟାଙ୍କ ଡିପୋଜିଟ୍ ଓ ସିକ୍ୟୁରିଟି ମନି ପ୍ରକୃତରେ କିଏ ଏବଂ କେଉଁ ଆକାଉଣ୍ଟରୁ ଜମା କରିଛି, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସମ୍ପୃକ୍ତ ଠିକାଦାର ଟେଣ୍ଡର ଆବେଦନ କରିନାହାନ୍ତି, ତେବେ ତାଙ୍କ ନାମରେ ବ୍ୟାଙ୍କରେ ଲକ୍ଷ ଲକ୍ଷ ଟଙ୍କାର କାରବାର କିଏ ଓ କେଉଁ ଉଦ୍ଦେଶ୍ୟରେ କଲା ? ଏହା ପଛରେ ଏକ ବଡ଼ଧରଣର ଆର୍ଥିକ ଅନିୟମିତତା ଏବଂ ବେନାମୀ ଅର୍ଥ ନିବେଶର ସନ୍ଦେହ କରାଯାଉଛି ।ଏହି ଦୁର୍ନୀତିର ପର୍ଦ୍ଦାଫାଶ ପାଇଁ 'କଳାହାଣ୍ଡି ଏସ.ଟି ଏବଂ ଏସ.ସି ଫୋରମ' ପକ୍ଷରୁ ରାଜ୍ୟ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସନ୍ଦେହଘେରରେ ଥିବା ସମସ୍ତ କାଗଜପତ୍ର, ଆଫିଡେଭିଟ୍ ଏବଂ ଦସ୍ତଖତକୁ ତୁରନ୍ତ ରାଜ୍ୟ ଫୋରେନସିକ ସାଇନ୍ସ ଲାବୋରେଟୋରୀ (ଏସଏଫଏସଏଲ) କୁ ପଠାଇ ଉଚ୍ଚସ୍ତରୀୟ ବୈଜ୍ଞାନିକ ଯାଞ୍ଚ କରିବାକୁ ଠିକାଦାର ସଙ୍ଘ ଦାବି କରିଛି। ଏହା ସହିତ ଏହି ଜାଲିଆତି ପ୍ରକ୍ରିୟାରେ ସାମିଲ ଥିବା ଅନ୍ୟ ଜଣେ ସନ୍ଦେହଜନକ ବିଡର ପୁରନ୍ଦର ଦୁର୍ଗାଙ୍କର ମଧ୍ୟ କାଗଜପତ୍ର ଯାଞ୍ଚ




କରି ତୁରନ୍ତ ଏହି ସମସ୍ତ ବିଡ୍ କୁ ବାତିଲ କରିବାକୁ ଦାବି ହୋଇଛି ।ଠିକାଦାର ସଙ୍ଘ ପକ୍ଷରୁ ପ୍ରଶାସନକୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି ଆସନ୍ତା ୧୦ ଦିନ ମଧ୍ୟରେ ଏହି ମେଗା ଦୁର୍ନୀତିର ନିରପେକ୍ଷ ତଦନ୍ତ କରାନଯାଏ ଏବଂ ଏହା ପଛରେ ଥିବା ଅସଲ ଅପରାଧୀ ଓ ସରକାରୀ ବାବୁଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ସମସ୍ତ ଠିକାଦାର କଳାହାଣ୍ଡି ଜଳସେଚନ ବିଭାଗ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ଏକ ବଡ଼ ଧରଣର ଗଣ-ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

# ପତ୍ରପୁର-ବାଡୁଆ ଓ ଧୋବାଲିଙ୍ଗିରେ ଜରୁରୀ କାଳୀନ ସ୍ୱାସ୍ଥ୍ୟ ଶିବିର

**ପାତ୍ରପୁର, ୨୩।୬ :** ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଅଧୀନରେ ଥିବା ବୁରୁତାଲ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରର ଅଂଶବିଶେଷ ଦୁଇଟି ଦୁର୍ଗମ ଗାଁ ବାଡୁଆ ଏବଂ ଧୋବାଲିଂରେ ଗତ କିଛି ଦିନ ମଧ୍ୟରେ ଜ୍ୱର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ପାହାଡିଆ ଅଞ୍ଚଳ ଭୌଗୋଳିକ ଭାବରେ 'ଉଚ୍ଚ ମ୍ୟାଲେରିଆ ଜୋନ୍' ହୋଇଥିବାରୁ, ଖବର ପାଇବା ମାତ୍ରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ତଦନ୍ତ ପାଇଁ ଘଟଣାସ୍ଥଳରେ ପହଞ୍ଚିଛି। ଉକ୍ତ ଟିମ ରେ ଡାକ୍ତର ଦେବୀ ପ୍ରସାଦ ପଟ୍ଟନାୟକ ଏବଂ ଡାକ୍ତର ତୁଳସୀ ମଲ୍ଲିକ (MO AYUSH), ସଞ୍ଜିତ, ପାତ୍ର, ବିବେକାନନ୍ଦ ଅଧିକାରୀ, ପ୍ରଫୁଲ୍ଲ ପାଢୀ, (ଫାର୍ମାସିଷ୍ଟ), ଦୀପକ ମହାପାତ୍ର (VBDTS), ଉପେନ୍ଦ୍ର ନାୟକ (CHO) ସମସ୍ତ ଯାଇ ଏକ ବ୍ୟାପକ ସାମୁଦାୟିକ ସ୍କ୍ରିନିଂ (Community Screening) ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ଗ୍ରାମବାସୀଙ୍କୁ ସାଧାରଣ ରୋଗର ଚିକିତ୍ସା (Minor Ailment Treatment) ଯୋଗାଇ ଦେବା ସହ ବ୍ୟାପକ ଭାବେ ଆର.ଡି.ଟି (RDT - Rapid Diagnostic Test) କିଟ୍ ଦ୍ୱାରା ରକ୍ତ ପରୀକ୍ଷା କରାଯାଇଥିଲା ।ରକ୍ତ ପରୀକ୍ଷା ସମୟରେ ଉଭୟ ଗ୍ରାମରୁ ମୋଟ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ପି.ଭି (Plasmodium vivax) ଏବଂ ୯ ଜଣ ପି.ଏଫ୍ (Plasmodium falciparum) ମ୍ୟାଲେରିଆ ପଜିଟିଭ୍ ଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ଦଳ ପକ୍ଷରୁ ସମସ୍ତ ପଜିଟିଭ୍ ଚିହ୍ନଟ ରୋଗୀଙ୍କୁ ତୁରନ୍ତ 'ରାଡିକାଲ୍ ଟ୍ରିଟମେଣ୍ଟ' (Radical Treatment) ର ପ୍ରଥମ ଡୋଜ୍ ଔଷଧ ପ୍ରଦାନ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି ।ଶିବିରରେ ଲୋକଙ୍କ ଆଚରଣଗତ ପରିବର୍ତ୍ତନ ଏବଂ ସଚେତନତା ପାଇଁ IEC ଏବଂ BCC (Information, Education, and Communication)



ମାଧ୍ୟମରେ ମଶାରୀ ବ୍ୟବହାର ଓ ଜମା ଜଳ ନିଷ୍କାସନ ଉପରେ ପରାମର୍ଶ ଦିଆଯାଇଛି। ସ୍ଥିତିକୁ ସମୀକ୍ଷା କରିବା ପାଇଁ ଜିଲ୍ଲା ଏପିଡେମିଓଲୋଜିଷ୍ଟ ଶ୍ରୀ ମୁକେଶ ଚନ୍ଦ୍ର ମାଲି (District Epidemiologist) ଏବଂ ଭେକ୍ଟର ବର୍ଣ୍ଣ ଡିଜିଜ୍ (VBD) କନସଲଟାଣ୍ଟ ଶ୍ରୀ ସନ୍ତୋଷ କୁମାର ଷଡ଼ଙ୍ଗୀ ଉକ୍ତ ପ୍ରଭାବିତ ଗ୍ରାମ ଗସ୍ତ କରି ସ୍ୱାସ୍ଥ୍ୟ ସେବାର ଅନୁଧ୍ୟାନ କରିଥିଲେ ।

# ବୟାଳିଶମୌଜାରେ ବିଦ୍ୟୁତ୍ ବିଭ୍ରାଟକୁ ନେଇ ବଢ଼ିଲା ଅସନ୍ତୋଷ

## ରାତ୍ରିକାଳୀନ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଉପଭୋକ୍ତା




**ଫୁଲନଖରା, ୨୩।୬ :** କଟକ ସଦର ଅନ୍ତର୍ଗତ ବୟାଳିଶମୌଜା ଅଞ୍ଚଳରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଘନଘନ ବିଦ୍ୟୁତ୍ ବିଭ୍ରାଟକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିନା ପୂର୍ବ ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେବା ଯୋଗୁଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗରମ ମଧ୍ୟରେ ରାତ୍ରି ସମୟରେ ବାରମ୍ବାର ବିଦ୍ୟୁତ୍ କାଟ ହେବାରୁ ଶିଶୁ, ବୃଦ୍ଧ ଓ ରୋଗୀମାନେ ସବୁଠାରୁ ଅଧିକ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ରାତ୍ରି ସମୟରେ ବିଦ୍ୟୁତ୍ ବିଭ୍ରାଟ ଘଟିଲେ ସମସ୍ୟାର ତୁରନ୍ତ ସମାଧାନ ପାଇଁ କୌଣସି ଦାୟିତ୍ୱପ୍ରାପ୍ତ କର୍ମଚାରୀ ଉପଲବ୍ଧ ରହୁନାହାନ୍ତି। ହେଲ୍ପଲାଇନ୍ ନମ୍ବର କିମ୍ବା ସମ୍ପୃକ୍ତ ଅଧିକାରୀଙ୍କୁ ଫୋନ୍ ଯୋଗେ ଅଭିଯୋଗ କରାଯାଉଥିଲେ ମଧ୍ୟ ଅନେକ କ୍ଷେତ୍ରରେ ତାହାର ସନ୍ତୋଷଜନକ ସମାଧାନ ହେଉନାହିଁ। ଫଳରେ ଉପଭୋକ୍ତାମାନେ ଦୀର୍ଘ ସମୟ ଧରି ଅନ୍ଧକାର ଓ ଅସହ୍ୟ ଗୁଳୁଗୁଳି ମଧ୍ୟରେ ସମୟ ଅତିବାହିତ କରିବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ବୟାଳିଶମୌଜା ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ଓ ସାମାଜିକ କର୍ମୀମାନେ ଏକାଠି ହୋଇ ବିଦ୍ୟୁତ୍ ବିଭାଗର ଏସଡିଓ ଶ୍ରୀ ପ୍ରିୟନାଥ ଭଞ୍ଜ ଓ ଶ୍ରୀ ଦୀପକ କୁମାର ସାହୁଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ରାତ୍ରି ସମୟରେ ହେଉଥିବା ବାରମ୍ବାର ବିଦ୍ୟୁତ୍ କାଟକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଦାବିପତ୍ରରେ ବିଶେଷ ଭାବେ ରାତ୍ରିକାଳୀନ ସମୟରେ ଲାଇନ୍ମ୍ୟାନ୍ ନିଯୁକ୍ତି, ଜରୁରୀ ମରାମତି ବ୍ୟବସ୍ଥାକୁ ସୁଦୃଢ଼ କରିବା, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ଉପକରଣର ତୁରନ୍ତ ମରାମତି ଏବଂ ଅଞ୍ଚଳର ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ନିର୍ମାଣାଧୀନ ନୂତନ ଗ୍ରୀଡ୍ର କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଥିଲା। ଅଞ୍ଚଳବାସୀଙ୍କ ସମସ୍ୟା ଓ ଦାବିକୁ ଗୁରୁତ୍ୱର ସହ ଶୁଣିବା ପରେ ଏସଡିଓ ଶ୍ରୀ ପ୍ରିୟନାଥ ଭଞ୍ଜ ଉପସ୍ଥିତ ଲୋକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ରାତ୍ରି ସମୟରେ ବିଦ୍ୟୁତ୍ ବିଭ୍ରାଟ ହେଲେ ତୁରନ୍ତ ମରାମତି ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ। ସେହିପରି ରାତ୍ରିକାଳୀନ ସେବାକୁ ଅଧିକ ସକ୍ରିୟ କରିବା ସହ ଅଞ୍ଚଳର ବିଦ୍ୟୁତ୍ ସମସ୍ୟାର ଦୀର୍ଘମିଆଦୀ ସମାଧାନ ପାଇଁ ନୂତନ ଗ୍ରୀଡ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଚିନ୍ମୟ ଦେବତା, ଦୁଷ୍ମନ୍ତ ନନ୍ଦ, ଅଶ୍ୱିନୀ ଦାଶ, ନିରଞ୍ଜନ ସ୍ୱାଇଁ, ହରିଶ ଚନ୍ଦ୍ର ସାମଲ, ଚିନ୍ମୟ ପଟ୍ଟନାୟକ, ଭ୍ରମରବର ଚୌଧୁରୀ, ଗୁଟନ ମହାନ୍ତି, ସୁଶାନ୍ତ ତ୍ରିପାଠୀ, ସିଲୁ ବେହେରାଙ୍କ ସମେତ ବହୁ ସଂଖ୍ୟକ ବିଦ୍ୟୁତ୍ ଉପଭୋକ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଅଞ୍ଚଳବାସୀଙ୍କ ଆଶା ଯେ, ବିଦ୍ୟୁତ୍ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଶୀଘ୍ର କାର୍ଯ୍ୟକାରୀ ହେବ ଏବଂ ବୟାଳିଶମୌଜା ଅଞ୍ଚଳରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ବିଦ୍ୟୁତ୍ ଭଳି ମୌଳିକ ସେବାରେ ଉନ୍ନତି ଆସିଲେ ଅଞ୍ଚଳବାସୀଙ୍କ ଦୈନନ୍ଦିନ ଜୀବନଯାପନ ମଧ୍ୟ ସୁଗମ ହୋଇପାରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳୀରେ ଚାଲିଛି ଆଦର୍ଶ ବିଦ୍ୟାଳୟ

# ସ୍ଥାୟୀ କୋଠା ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆନ୍ଦୋଳନ

**ବାଲେଶ୍ୱର, ୨୩।୬ :** କାଗଜ କଲମରେ ସୀମିତ ରହିଛି ଆଦର୍ଶ ବିଦ୍ୟାଳୟର ନାଁ, କିନ୍ତୁ ବାସ୍ତବରେ ଛାତ୍ରଛାତ୍ରୀମାନେ ବାତ୍ୟା ଆଶ୍ରୟସ୍ଥଳୀରେ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ହିଞ୍ଜଳା ଆଦର୍ଶ ବିଦ୍ୟାଳୟରେ



ଦୀର୍ଘ ଚାରି ବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଛି। ସୂଚନା ଅନୁଯାୟୀ, ବିଦ୍ୟାଳୟର ନିଜସ୍ୱ ଭବନ ନିର୍ମାଣ ହୋଇନଥିବାରୁ ପ୍ରାୟ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ମାତ୍ର ଦୁଇରୁ ଚାରିଟି କକ୍ଷ ବିଶିଷ୍ଟ ବାତ୍ୟା ଆଶ୍ରୟସ୍ଥଳୀରେ ପାଠପଢ଼ା କରୁଛନ୍ତି। ଶ୍ରେଣୀଗୃହର ଅଭାବ, ଆବଶ୍ୟକ ସୁବିଧା ନଥିବା ଏବଂ ଅନୁକୂଳ ପରିବେଶର ଅଭାବ ଯୋଗୁଁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି ।ଦୀର୍ଘ ଦିନ ଧରି ସ୍ଥାୟୀ ବିଦ୍ୟାଳୟ ଭବନ ନିର୍ମାଣ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନଥିବାରୁ ସୋମବାର ଛାତ୍ରଛାତ୍ରୀଙ୍କ ସହ ଅଭିଭାବକମାନେ ଆନ୍ଦୋଳନରେ ବସିଛନ୍ତି। ଶୀଘ୍ର ସ୍ଥାୟୀ ଭବନ ନିର୍ମାଣ କରି ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ସେମାନେ ଦାବି କରିଛନ୍ତି ।ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ, ପ୍ରଶାସନ କେବେ ଏହାର ସ୍ଥାୟୀ ସମାଧାନ କରିବ ସେନେଇ ସମସ୍ତଙ୍କ ନଜର ରହିଛି।

## ଜନକଲ୍ୟାଣ ଯୋଜନାରେ ମଜବୁତ ହେଉଛି ଶାସକ ଦଳର ସଂଗଠନ

# ନିଷ୍କ୍ରିୟ ବିରୋଧୀଙ୍କୁ ନେଇ ୩୩ ନମ୍ବର ଜୋନରେ ବଢୁଛି ରାଜନୈତିକ ଚର୍ଚ୍ଚା

**ଫୁଲନଖରା, ୨୩।୬ :** ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକର ୩୩ ନମ୍ବର ଜୋନ ଭୌଗୋଳିକ ସ୍ଥିତି ଓ ଜନସଂଖ୍ୟା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଗଣିତ। ନଗରୀ, ସାଇଁସୋ, ହରିଅନ୍ତା, ଉଷୁମା, କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ଖଲର୍ଦ୍ଦା ଓ କୋରକରା ପରି ଆଠଟି ପଞ୍ଚାୟତକୁ ନେଇ ଗଠିତ ଏହି ଜୋନକୁ ନିଆଳି ନିର୍ବାଚନ ମଣ୍ଡଳୀର ପ୍ରବେଶ ଦ୍ୱାର କୁହାଯାଏ। ରାଜନୈତିକ ଦୃଷ୍ଟିକୋଣରୁ ଏହାର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମୋହନ ସରକାର ଦୁଇ ବର୍ଷର ଶାସନ ପୂରଣ କରି ବିଭିନ୍ନ ସ୍ତରରେ ନିଜର ସଫଳତା ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସକ୍ରିୟ ରହିଛନ୍ତି। ବ୍ଲକ ଓ ପଞ୍ଚାୟତ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ଶାସକ ଦଳ ନିଜ ସଂଗଠନକୁ ମଜବୁତ କରିବା ସହ ଜନସାଧାରଣଙ୍କ ସହ ସମ୍ପର୍କ ବୃଦ୍ଧି କରୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ, ୩୩ ନମ୍ବର ଜୋନରେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ ଆଲୋକ, ରାସନ କାର୍ଡ, ଭତ୍ତା, ଅନ୍ତୋଦୟ ଗୃହ ଯୋଜନା ଭଳି ଅନେକ ସମସ୍ୟା ଆଜି ମଧ୍ୟ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇ ରହିଛି। ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତାର ତ୍ରିନାଥ ବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ଅଂଶ ଦୀର୍ଘଦିନ ଧରି ଖରାପ ଅବସ୍ଥାରେ ଥିବାରୁ ଯାତାୟାତରେ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ରାହ୍ମଣଝରିଲୋ ରାୟପୁର ସ୍ଥିତ ଶୀତଳଭଣ୍ଡାର ଏପର୍ଯ୍ୟନ୍ତ ପୁନରୁଦ୍ଧାର କି ନବୀକରଣ ହୋଇପାରିନାହିଁ ଯାହାଦ୍ୱାରା ସ୍ଥାନୀୟ ଚାଷୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କ୍ଷ ସେହିପରି ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖର ପ୍ରାୟ ୧୨ଟି ପଞ୍ଚାୟତର ଲୋକ ନିର୍ଭରଶୀଳ ଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ଧରି ଏଠାରେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଅଭାବ ରହିଛି। ଏଥିସହ ପାରାମେଡିକାଲ କର୍ମଚାରୀଙ୍କ ପାଇଁ ଆବାସିକ ସୁବିଧା ନ ଥିବାରୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଉଛି। ରାଜନୈତିକ ଦୃଷ୍ଟିରୁ ଦେଖିଲେ, ଗତ ଦୁଇଟି ବିଧାନସଭା ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କଂଗ୍ରେସ ଧୀରେ ଧୀରେ ନିଜ ସଂଗଠନ ଓ ଜନାଧାର ହରାଇଥିବା ବେଳେ, ବିଜେଡି ଏହି ଅଞ୍ଚଳରେ ଏବେ ମଧ୍ୟ ପଞ୍ଚାୟତ ସ୍ତରରେ ନିଜର ଉପସ୍ଥିତି ରଖିଛି। ଅନେକ ସରପଞ୍ଚ, ସମିତି ସଭ୍ୟ ଏବଂ ବାରଙ୍ଗ ପଞ୍ଚାୟତ ସମିତିର ନେତୃତ୍ୱ ବିଜେଡି ସମର୍ଥିତ ଥିଲେ ମଧ୍ୟ ଜନସମସ୍ୟା ପ୍ରସଙ୍ଗରେ ସେମାନଙ୍କର ସକ୍ରିୟ ଆନ୍ଦୋଳନ କିମ୍ବା ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଭଳି ପଦକ୍ଷେପ ସେତେଟା ଦେଖିବାକୁ ମିଳୁନାହିଁ। ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା କେବଳ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ନୁହେଁ; ବରଂ ଶାସକ ଦଳର ଅପାରଗତା, ଅପୂର୍ଣ୍ଣ ପ୍ରତିଶ୍ରୁତି ଓ ଜନସମସ୍ୟାକୁ ସାମ୍ନାକୁ ଆଣି ସରକାରଙ୍କୁ ଜବାବଦେହ କରାଇବା ମଧ୍ୟ ସେମାନଙ୍କର ପ୍ରମୁଖ ଦାୟିତ୍ୱ। କିନ୍ତୁ ୩୩ ନମ୍ବର ଜୋନରେ ବିରୋଧୀ ଶିବିରର ନିଷ୍କ୍ରିୟତା ଓ ନୀରବତା ଶାସକ ଦଳ ପାଇଁ ଏକ ସୁବିଧାଜନକ ପରିସ୍ଥିତି ସୃଷ୍ଟି କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ, ଶାସକ ଦଳ ସରକାରୀ ଯୋଜନାର ସଫଳତା, ସଂଗଠନର ସକ୍ରିୟତା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ସ୍ଥିତିକୁ ଅଧିକ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରଖିଛି। କେତେକ ବିରୋଧୀ କର୍ମୀଙ୍କ ନୀରବତା ମଧ୍ୟ ଶାସକ ଦଳକୁ ପରୋକ୍ଷ ଭାବେ ଲାଭ ଦେଉଥିବା ଚର୍ଚ୍ଚା ସ୍ଥାନୀୟ ରାଜନୈତିକ ମହଲରେ ଶୁଣିବାକୁ ମିଳୁଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ବ୍ୟକ୍ତିଗତ ସଂଗଠନକୁ ସୁଦୃଢ଼ କରିବାରେ ଲାଗିପଡ଼ିଛନ୍ତି। ତେବେ ଆଗାମୀ ଦିନରେ ଶାସକ ଦଳ ନିଜର ଜନକଲ୍ୟାଣକାରୀ ଯୋଜନା ଓ ସଂଗଠନ ବଳରେ ଜନସମର୍ଥନ ଧରି ରଖିବ ନା ବିରୋଧୀ ଦଳ ଜନସମସ୍ୟାକୁ ଅସ୍ତ୍ର କରି ଲୋକଙ୍କ ବିଶ୍ୱାସ ପୁନର୍ବାର ହାସଲ କରିବ, ତାହା ଆଗାମୀ ରାଜନୈତିକ ସମୟ ହିଁ ନିର୍ଣ୍ଣୟ କରିବ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati